

Digitized by PPRACHIN, SOA

ପ୍ରତିଷ୍ଠାତା ସଂଖ୍ୟା

ସମ୍ପାଦକମଣ୍ଡଳୀ

ଶ୍ରୀ କୃଷ୍ଣଚନ୍ଦ୍ର ଦାଶ, ବି. ଏ. ଡି. ଇଡ୍,

ଶ୍ରୀ ବାଉରିବନ୍ଧୁ ଦେବତା,

ଶ୍ରୀ ରଜଧର ଦାସ, ସାହିତ୍ୟାଚାର୍ଯ୍ୟ

ଶ୍ରୀ ଦୋଳଗୋବିନ୍ଦ ସାମଲ୍,

ଶ୍ରୀ ବାସ୍ତୁଚରଣ ପଣ୍ଡା,

ପ୍ରଧାନ ଶିକ୍ଷକ

ଶ୍ରୀଯୁକ୍ତ ଜଗନ୍ନାଥ ମିଶ୍ର, ବି. ଏ. ଡି. ଇଡ୍,

Digitized by PPRACHIN, SOA

ସାଲେପୁର ହାଇସ୍କୁଲର ପ୍ରତିଷ୍ଠାତା
ସ୍ୱର୍ଗତ **ବାଳକୃଷ୍ଣ କର** ବି. ଏ.

Digitized by PPRACHIN, SOA

ଶିକ୍ଷକଗଣ

ଶ୍ରୀଯୁକ୍ତ ଜଗନ୍ନାଥ ମିଶ୍ର, ବି. ଏ. ଡ଼ି. ଇଡ଼୍, (ପ୍ରଧାନ ଶିକ୍ଷକ)
ଶ୍ରୀ କୃଷ୍ଣଚନ୍ଦ୍ର ଦାଶ, ବି. ଏ. ଡ଼ି. ଇଡ୍,
ଶ୍ରୀ ବଲ୍ଲଭେନ୍ଦ୍ରନାଥ ସେନ, ବି. ଏ.
ଶ୍ରୀ ମୋହିନୀ ମୋହନ ମିଶ୍ର, ବି. ଏ.
ଶ୍ରୀ ବୈକୁଣ୍ଠ ନାଥ ମଲ୍ଲିକ, ବି. ଏ.
ଶ୍ରୀ କୃଷ୍ଣଚନ୍ଦ୍ର ନନ୍ଦ, ବି. ଏ.
ଶ୍ରୀ ଦୀନବନ୍ଧୁ ବିଶ୍ୱାଳ, ଆଇ. ଏ.
ଶ୍ରୀ ବାଉରିବନ୍ଧୁ ଦେବତା, ଆଇ. ଏ. ସି. ଟି.
ଶ୍ରୀ ସୀତାନାଥ ଦାଶ, ଆଇ. ଏ.
ଶ୍ରୀ ମାୟାଧର ଶତପଥୀ, ଆଇ. ଏ.
ଶ୍ରୀ ଦିବ୍ୟସିଂହ ମହାନ୍ତି, ଆଇ. ଏ.
ଶ୍ରୀ କାର୍ତ୍ତିକେଶ୍ୱର ଖୁଣ୍ଟିଆ, ଆଇ. ଏସ୍‌ସି.
ଶ୍ରୀ ଜଗବନ୍ଧୁ ଖୁଣ୍ଟିଆ, ମାଟ୍ରିକ୍ ସି. ଟି.
ଶ୍ରୀ ଗିରିଧାରୀ ସାହୁ, ଭି. ଏମ୍.
ଶ୍ରୀ ଚକ୍ରଧର ଦାଶ, ସାହିତ୍ୟାଗ୍ରଣୀ
ମୌଲବୀ ଅବଦୁଶ୍ ସଲାମ,
ମୌଲବୀ ସୟଦ୍ ଅବଦୁଲ୍ ବସାହ
ଶ୍ରୀ ମଣୀନ୍ଦ୍ରନାଥ ମହାନ୍ତି, ମାଟ୍ରିକ୍ P. T. I.
ଶ୍ରୀ ସୋମନାଥ କର, Clerk

Digitized by PPRACHIN, SOA

ସୂଚୀ

ବିଷୟ	ଲେଖକ	ପୃଷ୍ଠାଙ୍କ
୧ । **ମଙ୍ଗଳାଚରଣମ୍**		
୨ । କର୍ମଯୋଗୀ ବାଳକୃଷ୍ଣ	ଶ୍ରୀ ଚନ୍ଦ୍ରଶେଖର ମିଶ୍ର, ବି. ଏ. ବି. ଏଲ୍., ଡି. ଇଡ୍.	୧
	ହେ: ମା: ଖ୍ରୀଷ୍ଟକଲିଜିଏଟ୍, କଟକ	୧
୩ । ମୃତ୍ୟୁ ଓ ମୃତ୍ୟୁଞ୍ଜୟ	ଶ୍ରୀ କୃଷ୍ଣଚନ୍ଦ୍ର ନନ୍ଦ, (ଶିକ୍ଷକ)	୪
୪ । ଅଗ୍ନିଶିଖା	ଡାକ୍ତର ଗଗନଚନ୍ଦ୍ର ମିଶ୍ର, ଏମ୍. ବି. ବି. ଏସ୍.	୬
୫ । ପୁଣ୍ୟ-ସ୍ମୃତି	ଶ୍ରୀ ଚନ୍ଦ୍ରଶେଖର ମିଶ୍ର, ରାମକୃଷ୍ଣ ସେବାଶ୍ରମ, ସାଲେପୁର	୭
୬ । ବିୟୋଗେ	ଶ୍ରୀ ନବକିଶୋର ସାମଲ, (ଏକାଦଶ ଶ୍ରେଣୀ)	୧୦
୭ । ସ୍ୱାଧୀନ ସାମ୍ବାଦିକତା	ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମିଶ୍ର, ଏମ୍. ଏ.	୧୨
	ସଭ୍ୟ, ହିନ୍ଦସେବକ ସମାଜ	୧୨
୮ । ମୃତ୍ୟୁଞ୍ଜୟ	କୁମାରୀ ତୁଳସୀ ଦାଶ,	୧୫
୯ । ମୋ ହାଇସ୍କୁଲ ସ୍ମୃତି	ଅଧ୍ୟାପକ ଶ୍ରୀ ହରିହର ମିଶ୍ର, ରେଭେନ୍ସା କଲେଜ	୧୫
୧୦ । ଶ୍ରଦ୍ଧାଞ୍ଜଳି	ଶ୍ରୀ ବଲ୍ଲଭେନ୍ଦ୍ରନାଥ ସେନ, ବି. ଏ. (ଶିକ୍ଷକ)	୧୮
୧୧ । ସ୍ମୃତି ତର୍ପଣ	ଶ୍ରୀ ଚନ୍ଦ୍ରଶେଖର ମିଶ୍ର, ରାମକୃଷ୍ଣ ସେବାଶ୍ରମ, ସାଲେପୁର	୧୯
୧୨ । ମାଟିର ଧରଣୀ ପରେ	ଶ୍ରୀ ସୁରେନ୍ଦ୍ର ମଲ୍ଲ, ୧୦ମ ଶ୍ରେଣୀ (କ)	୨୧
୧୩ । ଶିକ୍ଷାପ୍ରେମୀ ବାଳକୃଷ୍ଣ	ଶ୍ରୀ ବାଉରିବନ୍ଧୁ ଦେବତା (ଶିକ୍ଷକ)	୨୩
୧୪ । ଦୁଇଟି ଫୁଲ	ଶ୍ରୀ କେଶବ ସୂତାର, ରାମକୃଷ୍ଣ ସେବାଶ୍ରମ, ସାଲେପୁର	୨୬
୧୫ । ବିରକ୍ତ ବିହାରୀ ବାଳକୃଷ୍ଣ	ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ସଭ୍ୟ, ହିନ୍ଦସେବକ ସମାଜ	୨୭
୧୬ । ସତେ ବାଳକୃଷ୍ଣ	ଶ୍ରୀ ସୁରେଶଚନ୍ଦ୍ର ସ୍ୱାଇଁ, (ଶିକ୍ଷକ)	
	ମଧୁସାଗର ବିଦ୍ୟାପୀଠ, କେନ୍ଦ୍ରାପଡ଼ା	୨୮
୧୭ । ବୀର ତୁମେ ଆଜି ସରଗ ପୁରେ	ଶ୍ରୀ ନବକିଶୋର ସାମଲ, ୧୧ଶ ଶ୍ରେଣୀ (କ)	୨୯
୧୮ । ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ	ଶ୍ରୀ ଚକ୍ରଧର ଦାସ, ସାହିତ୍ୟାଚାର୍ଯ୍ୟ (ଶିକ୍ଷକ)	୩୦
୧୯ । ମହାଯାତ୍ରୀ	ଶ୍ରୀ ଚନ୍ଦ୍ରଶେଖର ଦାସ, ୧୦ମ ଶ୍ରେଣୀ (ଖ)	୩୩
୨୦ । ପରାଜିତା	ଶ୍ରୀ ପୂର୍ଣ୍ଣଚନ୍ଦ୍ର ରାଉତ, ୧୧ଶ ଶ୍ରେଣୀ	୩୪
୨୧ । ଅତୀତ	ଶ୍ରୀ ଦୋଳଗୋବିନ୍ଦ ସାମଲ,	୩୫
୨୨ । ଅଶ୍ରୁ ଅର୍ଘ୍ୟ	ଶ୍ରୀ ରାଜକିଶୋର ପ୍ରଧାନ, ୯ମ ଶ୍ରେଣୀ (କ)	୪୦
୨୩ । ଉତ୍କଳମଣି କହ	ଶ୍ରୀ କୃପାସିନ୍ଧୁ ସାହୁ, ୧୦ମ ଶ୍ରେଣୀ (କ)	୪୧
୨୪ । ସାଲେପୁର ଉଚ୍ଚବିଦ୍ୟାଳୟ ଓ ସ୍ୱର୍ଗୀୟ ବାଳକୃଷ୍ଣ କର	ଶ୍ରୀ ରାମଚନ୍ଦ୍ର ଦାଶ ଓକିଲ, କଟକ	୪୨
25. In Memory	Ballavendranath Sen.	43
26. Fare thee well	Sri Krishna Chandra Nanda	44
27. Our Founder Great	K. C. Das, B. A., D. Ed.	45
28. School Notes		46
୨୯ । ସମ୍ପାଦକୀୟ		୪୮

Digitized by PPRACHIN, SOA



ସାଟଲ୍‌ପୁର ହାଇସ୍କୁଲର ପ୍ରତିଷ୍ଠାତା
ସ୍ୱର୍ଗତ **ଜୟନାରାୟଣ ଦାସ**

Digitized by PPRACHIN, SOA

ଅଷ୍ଟାଦଶ ବର୍ଷ   ଜାନୁୟାରୀ—୧୯୫୮   ପ୍ରତିଷ୍ଠାତା ସଂଖ୍ୟା

ମଙ୍ଗଳାଚରଣମ୍

ଦିବ୍ୟାନନ୍ଦ-ନିଦାନ-ନନ୍ଦନବନା ମୋଦାଦ୍ଧି ସଂଦାୟିନୀ
ବୋଧସ୍ପନ୍ଦନ-ନନ୍ଦନନ୍ଦନ-ପଦ ଦ୍ୱନ୍ଦ୍ୱାବ୍ଜ ମନ୍ଦାକିନୀ
ଗ୍ରନ୍ଥମଞ୍ଜୁଳ-କୁଞ୍ଜ ଗୁଞ୍ଜନ ସୁଧୀ-ରୋଲମ୍ବ ମାଳାକୁଳା
ଶଦ୍ରା ଶଦ୍ରୋପମା ବଶଦ୍ର ସଲୀଳା ଶଦ୍ରୋପମା ପାତୁନଃ ।

କର୍ମଯୋଗୀ ବାଳକୃଷ୍ଣ

ଶ୍ରୀ ଚନ୍ଦ୍ରଶେଖର ମିଶ୍ର, ବି.ଏ., ବି.ଏଲ୍., ଡି.ଇଡ୍.
ହେଡ୍‌ମାଷ୍ଟର, ଖ୍ରୀଷ୍ଟକଲେଜିଏଟ୍ ସ୍କୁଲ୍, କଟକ.

ଚଳିତବର୍ଷ ଶ୍ରାବଣ ଶୁକ୍ଳ ଦଶମୀ ତିଥି, ଇଂରାଜୀ ତା ୫ । ୮ । ୧୯୫୭ ଦିନ ଉତ୍କଳର ଭାଗ୍ୟାକାଶରୁ ଗୋଟିଏ ଉଜ୍ଜ୍ୱଳ ଜ୍ୟୋତିଷ୍କର ତିରୋଧାନ ଘଟିଲା । ସେ ଜ୍ୟୋତିଷ୍କ ହେଉଛନ୍ତି ଆମର ପ୍ରିୟ ବାଳକୃଷ୍ଣ କର ।

ଲୌକିକ ହିସାବରେ ବିଚାରକଲେ ବାଳକୃଷ୍ଣ ବାବୁଙ୍କର ମୃତ୍ୟୁ ଅତି ଅଳ୍ପ ବୟସରେ ଘଟି ନାହିଁ । ସେ ପ୍ରାୟ ୭୦ ପାର ହୋଇ ଯାଇଥିଲେ । କିନ୍ତୁ ଦେଶ ତାଙ୍କ ପରି ଜଣେ ଜନପ୍ରିୟ କର୍ମଠ ବ୍ୟକ୍ତିଙ୍କର ଦୀର୍ଘଜୀବନ କାମନା

Digitized by PPRACHIN, SOA

କରୁଥିବାରୁ ତାଙ୍କର ଅସାମୟିକ ମୃତ୍ୟୁ ଆମ୍ଭମାନଙ୍କ ପକ୍ଷରେ ଗଭୀର ଦୁଃଖର କାରଣ ହୋଇଅଛି ।

ସେ ଜଣେ କିପରି ସାଧୁପୁରୁଷ ଥିଲେ ଏବଂ ତାଙ୍କ ଦ୍ୱାରା ଦେଶର କି ଉପକାର ସାଧିତ ହୋଇଥିଲା, ତାହା ତାଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ବେଶ୍ ପ୍ରମାଣିତ ହୋଇଯାଇଅଛି । କଥାରେ କହନ୍ତି "ପ୍ରାଣୀର ଭଲମନ୍ଦ ବାଣୀ, ମରଣକାଳେ ତାହା ଜାଣି ।" ବାଳକୃଷ୍ଣ ବାବୁଙ୍କ ଜୀବନ ଦେଶପକ୍ଷରେ କି ମଙ୍ଗଳଜନକ ଥିଲା ଏବଂ ତାଙ୍କର ମହାନ୍ ମୃତ୍ୟୁଦ୍ୱାରା କି ବିରାଟ ଅଭାବ ଘଟିଲା, ତାହା ତାଙ୍କ ମୃତ୍ୟୁ ପରେ ପରେ ହିଁ ସୁସ୍ପଷ୍ଟ ହୋଇଯାଇଛି । ତାଙ୍କର ମୃତ୍ୟୁକୁ ଆମ୍ଭେମାନେ ଇଚ୍ଛାକରି 'ମହାନ୍ ମୃତ୍ୟୁ' ବୋଲି ଆଖ୍ୟା ଦେଇଅଛୁଁ । ଯେଉଁ ବ୍ୟକ୍ତିଙ୍କର ମୃତ୍ୟୁରେ ଦେଶରେ ଚହଲ ପଡ଼ିଯାଏ, ଯେଉଁ ବ୍ୟକ୍ତି ନିଜର ଦୀର୍ଘ କର୍ମମୟ ଜୀବନ ଶେଷରେ ହସି ହସି ଚକ୍ଷୁ ମୁଦ୍ରିତ କରନ୍ତି, ମାତ୍ର ଯାହାଙ୍କ ମୃତ୍ୟୁରେ ଦେଶର ଅସଂଖ୍ୟ ନରନାରୀ ଶୋକାକୁଳ ହୋଇ ଲୋତକପାତ କରନ୍ତି, ତାଙ୍କର ମୃତ୍ୟୁକୁ ସାଧାରଣ ନ କହି ମହାନ୍ ବୋଲି କହିବାକୁ ଆମ୍ଭେମାନେ ବାଧ୍ୟ । ବସ୍ତୁତଃ ସେତେବେଳେ ଯେଉଁମାନେ ଖବର କାଗଜ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖିଥିବେ, ସେମାନେ ଅବଶ୍ୟ ଜାଣିଥିବେ, ବାଳକୃଷ୍ଣ ବାବୁଙ୍କ ଅକାଳ ମୃତ୍ୟୁ ଦେଶପକ୍ଷରେ କିପରି ଏକ ମର୍ମନ୍ତୁଦ ଘଟଣା ହୋଇଥିଲା ଏବଂ ତାହାର ଫଳରେ ସବୁଠି କିପରି ଏକ ଶୋକର ଘନଛାୟା ଖେଳି ଯାଇଥିଲା ।

ବାଳକୃଷ୍ଣ ବାବୁ ସୌଭାଗ୍ୟଶାଳୀ ପିତା-ମାତାଙ୍କର ସନ୍ତାନ ନ ଥିଲେ । ସେ ତାଙ୍କର ବାଲ୍ୟକାଳର ଓ ତରୁଣ ଜୀବନର ପାଠ୍ୟାବସ୍ଥା ନାନା ପ୍ରକାର ଅଭାବ ମଧ୍ୟରେ କଟାଇ ଅଛନ୍ତି । ଅଭାବ ଓ ଦାରିଦ୍ର୍ୟ ତାଙ୍କର ପ୍ରକୃତ ମନୁଷ୍ୟ ହେବାର ଇଚ୍ଛାକୁ ଦମନ କରି ପାରିନାହିଁ । ବରଂ ନିକଷ ପାଷାଣରେ ଅଥବା ଅଗ୍ନିରେ ସୁବର୍ଣ୍ଣ ପରୀକ୍ଷିତ ହେଲପରି ଅଭାବ ରୂପକ ଅଗ୍ନିରେ ସେ ଅଧିକ ଉଜ୍ଜ୍ୱଳ ଓ ଦୀପ୍ତିମାନ ହୋଇଥିଲେ । ଯେଉଁମାନେ ମନେକରନ୍ତି, ସକଳ ପ୍ରକାର ସୁବିଧା ସୁଯୋଗ ନ ହେଲେ ବିଦ୍ୟାଶିକ୍ଷା ବା ପ୍ରକୃତ ଉନ୍ନତି ଲାଭ କରାଯାଇ ପାରେ ନାହିଁ, ସେମାନେ ଯେ ଭ୍ରାନ୍ତ, ଏକଥା ବାଳକୃଷ୍ଣ ବାବୁଙ୍କର କର୍ମମୟ ଜୀବନ ପ୍ରମାଣିତ କରିଅଛି । ପୃଥିବୀର ଯେଉଁ ମହାପୁରୁଷମାନେ ଏହିପରି ପ୍ରତିକୂଳ ଅବସ୍ଥା ଭିତରେ ନିଜ ନିଜ ଜୀବନକୁ ମହାନ କରିଯାଇଛନ୍ତି, ସେମାନଙ୍କ ଜୀବନ କାହାଣୀ ସହିତ ବାଳକୃଷ୍ଣ ବାବୁଙ୍କର ଜୀବନର ଘଟଣା-ବଳୀକୁ ତୁଳନାକରି ଦେଖିଲେ, ସେ କୌଣସି ଲୋକ ପ୍ରକୃତ ଶିକ୍ଷାଲାଭ କରିବ ବିଶେଷତଃ ଛାତ୍ରମାନେ ଅଭାବ ଓ ଦାରିଦ୍ର୍ୟକୁ ଭ୍ରୂକ୍ଷେପ ନ କରି ବାଳକୃଷ୍ଣ ବାବୁଙ୍କ ପରି ଆଜୀବନ ସଂଗ୍ରାମ ଓ ସାଧନା ପଥରେ ଅଗ୍ରସର ହେବେ ।

ବାସ୍ତବିକ୍ ବାଳକୃଷ୍ଣ ବାବୁଙ୍କର ଜୀବନକାଳ ଏକ ଦୀର୍ଘ ସଂଗ୍ରାମ ଓ ସାଧନାର ଇତିହାସ । ତାଙ୍କ ଜୀବନକୁ ଗୋଟିଏ ବିରାଟ ଅନୁଷ୍ଠାନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ତାଙ୍କ ନିରବଚ୍ଛିନ୍ନ ସଂଗ୍ରାମ ଓ ସାଧନାବଳରେ ଯେଉଁ ସବୁ ମହାନ୍ କୃତପରମ୍ପରା ଛାଡ଼ିଯାଇଛନ୍ତି, ତାହା ଅମର ଓ ଅବିସ୍ମରଣୀୟ ହୋଇ ରହିବ । ଆମ୍ଭମାନଙ୍କର ସୌଭାଗ୍ୟ ଯେ, ଆମ୍ଭେମାନେ ସେହି ସୁକୃତମାନଙ୍କର ପ୍ରକୃତ ଦାୟାଦ ହୋଇ-ଥାଇଁ । ଜଣେ ବ୍ୟକ୍ତି ଇଚ୍ଛାକଲେ କେତେ କାର୍ଯ୍ୟ କରିଯାଇ ପାରେ ଏବଂ କେତେ ବଡ଼ ବଡ଼ ଅନୁଷ୍ଠାନମାନ ଗଢିଯାଇ ପାରେ, ଏକଥା ଆଲୋଚନା କଲେ ବିସ୍ମିତ ହେବାକୁ ପଡ଼େ । ତାଙ୍କର ଜୀବନକାଳ ତଥା କାର୍ଯ୍ୟାବଳୀ ଯଥାର୍ଥରେ

Digitized by PPRACHIN, SOA

ଯେଉଁପରି କୌତୂହଳମୟ ସେହିପରି ବିସ୍ମୟ-ପୂର୍ଣ୍ଣ ମଧ୍ୟ ।

ବାଳକୃଷ୍ଣ ବାବୁ ପ୍ରଥମେ ଶିକ୍ଷକ ଭାବରେ ଜୀବନ ଆରମ୍ଭ କରିଥିଲେ । ପରବର୍ତ୍ତୀ କାଳରେ ବିଦ୍ୟାଳୟର ସଂକୀର୍ଣ୍ଣ ସୀମାବଦ୍ଧ ଶିକ୍ଷାଦାନ ପରିସର ମଧ୍ୟରୁ ବାହାରି ଆସି ସେ ଦେଶର ବୃହତ୍ତର କ୍ଷେତ୍ରରେ ଯେଉଁ କାର୍ଯ୍ୟ ଆରମ୍ଭ କଲେ, ତାହାହିଁ ଯଥାର୍ଥ ଲୋକଶିକ୍ଷାରେ ପରିଣତ ହୋଇଛି । ସେ ଏକାଧାରରେ ଲେଖକ, ସମାଲୋଚକ, ସମ୍ବାଦ ପରିବେଷକ, ନୀତିନିୟାମକ, ସମ୍ପାଦକ, ସଂଗ୍ରାହକ ଓ ସଂକଳୟିତା ପ୍ରଭୃତି ନାନାଭାବରେ ବିଶେଷ କୃତିତ୍ୱର ସହିତ କାର୍ଯ୍ୟ କରି ଅଛନ୍ତି । ଜଣେ ଲୋକ ନିଜର ସ୍ୱଳ୍ପ ଜୀବନ-କାଳ ମଧ୍ୟରେ ନୀରବରେ ଏତେ ବହୁମୁଖୀ କର୍ମଯୋଜନାରେ ସଫଳତାର ସହିତ ଲିପ୍ତ ରହିବା ଦୃଷ୍ଟାନ୍ତ ଉତ୍କଳ ଖଣ୍ଡରେ କ୍ୱଚିତ୍ ଦେଖାଯାଏ । ସେ ଲୋକ-ସାହିତ୍ୟ ଓ ଶିଶୁ-ସାହିତ୍ୟ ସୃଷ୍ଟି କରିଅଛନ୍ତି ଏବଂ ଲେଖକମାନଙ୍କୁ ନାନା ଦିଗରେ ଉତ୍ସାହ ଓ ପ୍ରେରଣା ଦେଇଅଛନ୍ତି । ତାଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା ଓ ପ୍ରଭାବରେ ଓଡ଼ିଆ ସାହିତ୍ୟରେ ଯେ ଅଭିବୃଦ୍ଧି ଘଟିଛି, ତାହା ଆମର ଜାତୀୟ ଇତିହାସରେ ଅବଶ୍ୟ ବିଶିଷ୍ଟ ସ୍ଥାନ ଲାଭ କରିବ । ଯେଉଁମାନେ ତାଙ୍କ ସହିତ ବସିବାର, କାର୍ଯ୍ୟ କରିବାର ଓ ତାଙ୍କଠାରୁ ଶୁଣିବାର ସୁଯୋଗ-ଲାଭ କରିଅଛନ୍ତି, ସେମାନେ ଅବଶ୍ୟ ସ୍ୱୀକାର କରିବେ ଯେ, ସେ ଜଣେ ଉତ୍ସାହର ଜୀବନ୍ତ ଉତ୍ସ ଥିଲେ । ତାଙ୍କ ନିକଟରୁ ସାମାନ୍ୟ ଆଲାପ ଆଲୋଚନା କରି ଫେରିଲା ପରେ ମନେ ହୁଏ, ସତେ ଯେପରି ସେ ଶ୍ରୋତାଠାରେ ଚିନ୍ତା ଜାଗ୍ରତ କରାଇ ତାଙ୍କୁ ବିଜ୍ଞତର କରାଇ ପାରିଛନ୍ତି । ଦେଶର ମଙ୍ଗଳ ଓ ଜାତୀୟ ସାହିତ୍ୟର ଅଭିବୃଦ୍ଧି ପାଇଁ ସେ କିପରି ଚିନ୍ତା କରୁଥିଲେ ତାହା ତାଙ୍କର ପ୍ରତ୍ୟେକ କାର୍ଯ୍ୟରୁ ପ୍ରକଟିତ ହେଉଥିଲା । ତାଙ୍କର ଆନ୍ତରିକ, ବଳିଷ୍ଠ ଓ ସୁଚିନ୍ତିତ ଯୁକ୍ତି-ଯୋଗୁଁ ତାଙ୍କର ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀ ତାଙ୍କର ମତାମତ ଦ୍ୱାରା ପ୍ରଭାବିତ ହେଉଥିଲା ।

ବାଳକୃଷ୍ଣ ବାବୁ ମିତଭାଷୀ ହେଲେ ମଧ୍ୟ ବଡ଼ ମିଷ୍ଟାଳାପୀ ଥିଲେ । ସେ ନିଜେ ବେଶୀ କଥା ନ କହି ଅନ୍ୟଠାରୁ ଶୁଣିବାକୁ ଇଚ୍ଛା କରନ୍ତି । କିନ୍ତୁ ସେ ଯେତେବେଳେ କହନ୍ତି, ସେତେବେଳେ ଆଲୋଚ୍ୟ ବିଷୟ ସମ୍ପର୍କରେ ବହୁତ ଭ୍ରମ ଧାରଣା ଦୂର ହୋଇଯାଏ ଏବଂ ଶେଷରେ ବୁଝାଯାଏ, ସତେ ଯେପରି ସେ ତାଙ୍କର ସୁଚିନ୍ତିତ ଉଦ୍ଦେଶ୍ୟକୁ ପ୍ରତିଷ୍ଠିତ କରାଇ ପାରିଅଛନ୍ତି । ଏ ଶକ୍ତି ଅନନ୍ୟସାଧାରଣ, କେହି ତାଙ୍କୁ ଦେଖିଲେ ମନେକରି ପାରିବ ନାହିଁ ଯେ, ତାଙ୍କଠାରେ ଏତେ ଉତ୍ସାହ ଓ ଶକ୍ତି ପ୍ରଚ୍ଛନ୍ନ ହୋଇ ରହିଅଛି । ପ୍ରତ୍ୟେକ କାର୍ଯ୍ୟାନୁଷ୍ଠାନରେ ତାଙ୍କର ଗଭୀର ଆତ୍ମବିଶ୍ୱାସ, ଆନ୍ତରିକତା ଓ ବଳିଷ୍ଠ ବିଚାରଶକ୍ତି ତାଙ୍କୁ ସର୍ବଦା ଲୋକପ୍ରିୟ କରିଥାଏ । ସେ ଉପସ୍ଥିତ ଥିଲେ ତାଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବରେ ମାନିନେବା ପାଇଁ କାହାରି ଆପତ୍ତି ନ ଥାଏ । ଏହି ସହଜ ସତ୍ୟଟି ଲେଖକ ନିଜର ବ୍ୟକ୍ତିଗତ ଅଭିଜ୍ଞତାରୁ ବହୁବାର ନାନାକ୍ଷେତ୍ରରେ ଲକ୍ଷ୍ୟ କରିଅଛି ।

ସେ ନିଜକୁ ଜଣେ ବଡ଼ଲୋକ ବୋଲି କଦାପି ମନେକରି ନାହାନ୍ତି । ତାଙ୍କର ସରଳ, ନିରାଡ଼ମ୍ବର ଜୀବନ ଓ ଅନ୍ୟପ୍ରତି ଏକାନ୍ତ ଆତ୍ମୀୟିକ ବ୍ୟବହାର ଦେଖିଲେ, ଯେ କେହି ଲୋକ ତାଙ୍କ ଆଡ଼କୁ ଅନାୟାସରେ ଆକୃଷ୍ଟ ହେଉଥିଲେ। ସେ ଯାହାଙ୍କଠାରେ ସାମାନ୍ୟ ଶକ୍ତି ବା ପ୍ରେରଣା ଥିବାର ଲକ୍ଷ୍ୟ କରନ୍ତି, ତାଙ୍କୁ ସଙ୍ଗେ ସଙ୍ଗେ ନିଜ ଜୀବନର ସଙ୍ଗୀ ବୋଲି ମନେକରି ନିଅନ୍ତି—

Digitized by PPRACHIN, SOA

ଏକଥା ଆଜ ତାଙ୍କର ଜୀବିତ ଥିବା ଅନେକ ବନ୍ଧୁ ଅବଶ୍ୟ ସ୍ୱୀକାର କରିବେ ।

ତାଙ୍କ ଜୀବନର ବହୁମୁଖୀ କାର୍ଯ୍ୟାବଳୀକୁ ଗୋଟି ଗୋଟି କରି ବିଶ୍ଳେଷଣ କରିବା ଏ କ୍ଷୁଦ୍ର ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ । ସେ ଯେ ଜଣେ ନିରଳସ କର୍ମଯୋଗୀ ଏବଂ ଆଜୀବନ ଯେ କେବଳ ଲୋକ ସଂଗ୍ରହ ବା ଲୋକଶିକ୍ଷାରେ ସର୍ବଦା ତତ୍ପର ଥିଲେ, ଏହାତକ ପ୍ରକାଶ କରିବାହିଁ ଆମର ଅଭିପ୍ରାୟ । ନିଜ ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ସେ ନିଜର ପ୍ରଗାଢ଼ ଯତ୍ନରେ ସାଲେପୁରଠାରେ ଏକ ହାଇସ୍କୁଲ ବସାଇଥିଲେ । ତାହା ଆମର ଉପରୋକ୍ତ ଉକ୍ତିର ଯାଥାର୍ଥ୍ୟ ପ୍ରତିପାଦନ କରେ । ସେ ଦୀର୍ଘକାଳ ଏ ସ୍କୁଲ ପଛରେ ପ୍ରାଣସ୍ୱରୂପ ରହି ଏହାକୁ ନାନା ଭାବରେ ସମୃଦ୍ଧ ଓ ଉନ୍ନତ କରାଇ ଅଛନ୍ତି । ସେ ଆଉ କିଛୁଦିନ ବଞ୍ଚିଥିଲେ ସ୍କୁଲଟି ଗୋଟିଏ କଲେଜରେ ପରିଣତ ହୋଇ ପାରିଥାନ୍ତା ବୋଲି ଆମର ବିଶ୍ୱାସ ।

ଆଜି ଯେଉଁମାନେ ବାଳକୃଷ୍ଣ ବାବୁଙ୍କର ସ୍ମୃତିରକ୍ଷା କରିବାକୁ ଇଚ୍ଛାକରନ୍ତି, ସେହିମାନଙ୍କ ପକ୍ଷରେ ଏହି ବିଦ୍ୟାଳୟର କ୍ରମୋନ୍ନତି ପ୍ରତି ଦୃଷ୍ଟିଦେବା ଆବଶ୍ୟକ ।

ବାଳକୃଷ୍ଣ ବାବୁଙ୍କର ଭୌତିକ ଦେହ ମାଟିରେ ମିଶି ଯାଇଛି ସତ, ମାତ୍ର ସେ ତାଙ୍କ ପଛରେ ଯେଉଁ ସୁକୃତିପରମ୍ପରା ଛାଡ଼ିଯାଇ ଅଛନ୍ତି, ତାହା ତାଙ୍କୁ ଏ ଦେଶରେ ଚିରଦିନ ଅମର କରି ରଖିବ । ମନୁଷ୍ୟ ତା'ର କାର୍ଯ୍ୟଦ୍ୱାରା ବଞ୍ଚିରହେ । ଆମ୍ଭେମାନେ ଯେତେବେଳେ ତାଙ୍କ ବିଷୟରେ ଆଲୋଚନା କରିବୁଁ, ସେତେବେଳେ ଅବଶ୍ୟ ସ୍ମରଣ କରିବୁ ଯେ, ସେ ଥିଲେ ଏ ଦେଶର ଜଣେ ବିଶିଷ୍ଟ କର୍ମଯୋଗୀ ।

ମୃତ୍ୟୁ ଓ ମୃତ୍ୟୁଞ୍ଜୟ

ଶ୍ରୀ କୃଷ୍ଣଚନ୍ଦ୍ର ନନ୍ଦ
(ଶିକ୍ଷକ)

ପ୍ରଭାତର ମୃତ-ଦୀପ୍ତ ପୂର୍ବାଶାର ଭାଲେ
ଏବେ କି ଦେଇଛ ଦିବ ତାର ମଧୁ ସ୍ୱର୍ଣ୍ଣ,
ତୁମର ଜୀବନ ଆଜି ଅତୀତର ତଳେ
ସବୁର ଜୀବନ ତଳେ ମଧୁର ସରସ ।

ଜୀବନ-ବୀଣାର ତାରେ ମଧୁର ରାଗିଣୀ
ତୋଳି ଧ୍ୱନେ କରିଥିଲ, ସବୁ ମନ ପ୍ରାଣ
ଅମର-ବନ୍ଦିତ ଗୀତେ ରଞ୍ଜିତ, କାହାଣୀ
ଆଜି ଯା ଅପୂର୍ଣ୍ଣ ତବ, ହେବ କେବେ ପୂର୍ଣ୍ଣ ?

Digitized by PPRACHIN, SOA

ଉତ୍କଳେ ଆଣିଲ ତୁମେ ନୂତ ଭାଗିରଥୀ
'ଶିଶୁ ସଙ୍ଖାଳି'ର ତୁମେ ବନ୍ଦିତ ରଚକ,
ସାହିତ୍ୟ ଗଗନେ କାବ୍ୟତାର ଜ୍ୟୋତିଷ୍ମତୀ
ସେହି ତବ ଜୀବନର ମଧୁର ସ୍ତବକ ।

ଦୂରୁ ଆଜ ନିଅ ମୋର କ୍ଷୁଦ୍ର ଅନ୍ତରର
ଭକ୍ତିନମ୍ର ନମସ୍କାର, ହେ ମହାମାନବ,
ତୁମର ସ୍ମୃତିରେ ଆଜ ଲେଖନୀ ମୁଖର,
ଏ ଦେଶେ ତୁମେ ହିଁ ସିନା ତୁମର ଗୌରବ !

ଏ ଦେଶେ ପାଇନ ତୁମେ ଗୌରବ ସମ୍ମାନ
ଉତ୍କଳର ପୂତ ଯଜ୍ଞେ ତୁମେ ପୁରୋହିତ,
ଜୀବନର ତିଳ ତିଳ କରିଥିଲ ଦାନ
ଦେଶର ଉନ୍ନତି ଲାଗି, ହୋଇଛୁ ବନ୍ଦିତ ।

ଏ ଦେଶ ମାଟିରେ ତୁମେ ବିପୁଳ ମହାନ
ମହା ଜୀବନର ତ୍ୟାଗେ ପବିତ୍ର ଉତ୍କଳ,
ସାଗର, ସମୀର କରେ ଗଉରବ ଗାନ
ଚକ୍ରବାଳ ତଳେ ତଳେ ବାଦଲ ସଜଳ ।

ଏ କ୍ଷୁଦ୍ର ପ୍ରାଣର ନିଅ ଶତ ନମସ୍କାର
ତବ ସ୍ମୃତି ଏ ଜୀବନେ କରିଛି ସଞ୍ଚୟ,
ଜୀବନର ରୂପାଲୋକେ ତୁମେ ଅନଶ୍ୱର
ମୃତ୍ୟୁର ସମାଧି ତଳେ ତୁମେ ମୃତ୍ୟୁଞ୍ଜୟ ।

Digitized by PPRACHIN, SOA

ଅଗ୍ନି ଶିଖା

ଡା: **ଶ୍ରୀଗଗନଚନ୍ଦ୍ର ମିଶ୍ର**, ଏମ୍. ବି. ବି. ଏସ୍.

ଜୀବନ-ଜଳଧି-ତୀରେ ଉଠି ଏକ ଆଲୋକର ଶିଖା,
ଉଦ୍‌ଭାସିତ କଲା ଯେବେ ଦେଲା ଯେବେ ନବଧର୍ମ ଦୀକ୍ଷା,

ଭାଙ୍ଗିଗଲା ଅନ୍ଧକାର ନିଭିଗଲା ଉଶୃଙ୍ଖଳ ରାତି,
ପ୍ରତିଟି ତାରକା ଦେଲେ ନବବାର୍ତ୍ତା ନୂତନ ପାହାନ୍ତି ।

ସେ ଆଲୋକ ଜଳି ଜଳି ବିସ୍ତୀର୍ଣ୍ଣ ଏ ସମୁଦ୍ରର ସୁଏ,
କହିଲା ମଣିଷ କାନେ—"ତୁମ୍ଭେହେଁ ବନ୍ଧୁ ତୁମ୍ଭେହେଁ ଆରେ ତୁମ୍ଭେହେଁ:

ଜନ୍ମ ତୁମ ତୁମ୍ଭେହେଁ କେବେ ନିଜ ପାଇଁ ବଞ୍ଚିବାକୁ ଖାଲି,
ଦେଶର ଓ ଦଶ ଅର୍ଥେ ଦେବେ ଜାଳି ରକ୍ତର ଦୀପାଳି ।"

ହସିଥିଲା ହସ ସିଏ ଜୀବନକୁ କରି ଉପହାସ,
ମରଣର ପୁଣ୍ୟତୀର୍ଥେ ଦେଖିବାକୁ ଚୂଡାନ୍ତ-ବିକାଶ ।

ତୋଳିଲା ଗଗନଭେଦୀ ଅଭିନବ ସାହିତ୍ୟ ଝଙ୍କାର,
ଏବେ ବି ମରମ ମନ୍ଥେ ସେ ଦିନର ପଦ "ସହକାର" ।

ନଥିଲା ସେ ସାହିତ୍ୟିକ, କବି, ନେତା, ଅବା ଧର୍ମଗୁରୁ,
ସେ ଥିଲା ସାଧକ ଜଣେ, ଆଜୀବନ କର୍ମ କଳ୍ପତରୁ ।

ବିଳୟ ତା ଉପନୀତ, ଅଭ୍ରଭେଦୀ ଉଠୁଛି ସଙ୍ଗୀତ,
ବାଳକୃଷ୍ଣ ବାଳକୃଷ୍ଣ ରବୁଅଛି ଶାନ୍ତିର କପୋତ ।

ହେ ଜନତା ନମସ୍କାର କର·········
ବିଳୟ ଲଭୁଛି ଆଜି ପ୍ରଜ୍ୱଳିତ ଉଲ୍କା ସେ ଦିନର ।

Digitized by PPRACHIN, SOA

ପୁଣ୍ୟସ୍ମୃତି

ଶ୍ରୀ ଚନ୍ଦ୍ରଶେଖର ମିଶ୍ର
ରାମକୃଷ୍ଣ ସେବାଶ୍ରମ, ସାଲେପୁର

ସାଲେପୁର ହାଇସ୍କୁଲ ୧୯୩୪ ମସିହାରେ ଜନ୍ମପରିଗ୍ରହ କଲା । ମାତ୍ର ଏହି ଅଞ୍ଚଳର ଶିକ୍ଷାନୁରାଗୀ ତଥା ଶିକ୍ଷିତ-ସମାଜ ଏହି ପଲ୍ଲୀ କେନ୍ଦ୍ରରେ ପଲ୍ଲୀବାସୀ ଦରିଦ୍ର ଶିଶୁ-ସମାଜକୁ ଉଚ୍ଚଶିକ୍ଷା ଦେବା ମାନସରେ ବିଗତ ୩୦ ବର୍ଷ ଧରି ଚେଷ୍ଟା ଚଳାଇ ଆସୁଥିଲେ । ବସ୍ତୁତଃ ଦୀର୍ଘ ୩୦ ବର୍ଷର କଳ୍ପନା ଜଳ୍ପନା ରୂପଧାରଣ କଲା ଉକ୍ତ ୩୪ ମସିହାରେ । ମାନବ ଜାତିର ଇତିହାସ ମନୋଯୋଗ ସହକାରେ ଅଧ୍ୟୟନ କଲେ ପ୍ରତୀତ ହୁଏ ଯେ, ଜାତିର ସମୂହ ଇଚ୍ଛା ସଫଳ ହେବାପାଇଁ ଜଣେ ଜଣେ କୃତକର୍ମୀ ସହସା ଆବିର୍ଭୂତ ହୁଅନ୍ତି । ଠିକ୍ ମନେ ପଡୁଛି ୧୯୩୨ ମସିହାରେ, ଯେତେବେଳେ ଲବଣ ସତ୍ୟାଗ୍ରହ ରୂପକ ଘୂର୍ଣ୍ଣିବାୟୁ ହିମାଚଳଠାରୁ ସୀମାଚଳ ପର୍ଯ୍ୟନ୍ତ ଝଡ଼ଝଞ୍ଜା ଉଠାଇ ଥିଲା, ସେତେବେଳେ ସ୍ୱର୍ଗୀୟ ବାଳକୃଷ୍ଣ କର ରିଇସୁଙ୍ଗ ଭାନ୍ତର୍ଗତ କାନପୁର ମେଟ୍‌କାଫ୍ ମି: ଇ: ସ୍କୁଲକୁ ଉଚ୍ଚବିଦ୍ୟାଳୟରେ ପରିଣତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଏହି ଆନ୍ଦୋଳନର ବାତ୍ୟା କାର୍ଯ୍ୟଗତିରେ ବାଧା ସୃଷ୍ଟି କଲା । ୧୯୩୩ରେ ସାଲେପୁରଠାରେ ସେହି ପରିକଳ୍ପନାକୁ ରୂପଦେବେ ବୋଲି କେତେକ ଶିକ୍ଷାନୁରାଗୀ ଶିକ୍ଷିତ ଯୁବକ ଅତିଶୟ ବ୍ୟାକୁଳ ହୋଇ ପଡିଥିଲେ । ସର୍ବନିୟନ୍ତା ପରମେଶ୍ୱର ହୃଦୟର ବ୍ୟାକୁଳତା ବୁଝି ସତେ ଯେପରି ଜଣେ ଅଦମ୍ୟ କର୍ମୀଙ୍କୁ ଏକ ମହତ୍ କାର୍ଯ୍ୟ ସାଧନ ଉଦ୍ଦେଶ୍ୟରେ ଏଠାକୁ ପ୍ରେରଣ କରିଥିଲେ । ସେହି ମହତ୍ ପୁରୁଷ ଆମ୍ଭମାନଙ୍କର ସ୍ୱର୍ଗୀୟ ଜୟନାରାୟଣ ଦାସ ।

ସେ ମହାଶୟ ଏଠାକୁ ସବ୍‌ରେଜିଷ୍ଟ୍ରାର ରୂପେ ସରକାରୀ କର୍ମଚାରୀ ହୋଇ **ଆସି**ଥିଲେ । ସରକାରୀ କର୍ମ ବନ୍ଧନରେ ଆବଦ୍ଧ ଥାଇ ସ୍ୱଳ୍ପ ଅବକାଶ ମଧ୍ୟରେ ଅପ୍ରାଣ ପରିଶ୍ରମ କରି ଏହି ବିଦ୍ୟାଳୟ କରିଥିଲେ । ଅପ୍ରାଣ ପରିଶ୍ରମ କଥାଟି କଦାପି ଅତ୍ୟୁକ୍ତି ନୁହେଁ । ଦିନରାତି ଖରାବର୍ଷା ସାଲେପୁର ଅଞ୍ଚଳର ଘରେ ଘରେ ବୁଲି ଚାନ୍ଦା ସଂଗ୍ରହ କରିବାରେ ଅକ୍ଳାନ୍ତ ପରିଶ୍ରମ କରିବାରୁ ସେ ମହାଶୟ ଦୁଇଥର ଭୀଷଣ ରୋଗାକ୍ରାନ୍ତ ହୋଇଥିଲେ । ରୋଗ ଶଯ୍ୟାରେ ପଡି ସୁଦ୍ଧା ସେ ସର୍ବଦା କରୁଣ ସ୍ୱରରେ କହନ୍ତି, "ସାଲେପୁର ହାଇସ୍କୁଲ ମୋ ଦ୍ୱାରା ସମ୍ପନ୍ନ ହେଉ, ଏହା କେବେ ଈଶ୍ୱରଙ୍କ ଇଚ୍ଛା ନୁହେଁ ।" କିନ୍ତୁ ଈଶ୍ୱରଙ୍କ ଅସୀମ ଅନୁକମ୍ପାରୁ ସେ ରୋଗମୁକ୍ତ ହୋଇ ଓ ଦୀର୍ଘ ୫ ବର୍ଷକାଳ ଏଠାରେ ଅବସ୍ଥାନ କରି ବିଦ୍ୟାଳୟଟିକୁ ପୂର୍ଣ୍ଣାଙ୍ଗ କରି ପାରିଥିଲେ । ସ୍ୱର୍ଗୀୟ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ଏକ କବିତାରୁ ଗୋଟିଏ ପଂକ୍ତି ସର୍ବଦା ଆବୃତ୍ତି କରି ସେ ପ୍ରେରଣା ପାଉଥିଲେ । ତାହା ଏହି:—

ସହୁଛି ଖରା ବରଷା   ଭୋଗିଛି ବିଷମ ଦଶା
    କେଉଁଦେଶୁ ଦେଇଅଛ କି **ଆଶ୍ୱାସନ**
ହରି ହେ ଭବେ ଯାଉଛି- ଦିନ ଭରମେ ବିରମେ
    ପ୍ରଭୁ, ତୁମ୍ଭେ ଧିଆନ ।

ଏହି ପଂକ୍ତି ଦ୍ୱୟ ମନ୍ତ୍ର ଶକ୍ତିପରି ତାଙ୍କ ହୃଦୟରେ କାର୍ଯ୍ୟ କରୁଥିଲା । ପୂଜ୍ୟ ସ୍ୱାମୀ

Digitized by PPRACHIN, SOA

ବିବେକାନନ୍ଦ ଯଥାର୍ଥରେ କହିଛନ୍ତି—No great work can be done without great labour. ଏହି ମହାପୁରୁଷଙ୍କର ମହାବାଣୀ ଯଥାର୍ଥରେ ଚରିତାର୍ଥ ହୋଇଥିଲା ଅମର ସ୍ୱର୍ଗୀୟ ବନ୍ଧୁ ଜୟନାରାୟଣଙ୍କ ଜୀବନରେ । ଠିକ୍ ମନେ ପଡୁଛି ତାଙ୍କର ସହଧର୍ମିଣୀ ଯାମିନୀ ବୋଉ ଆସନ୍ନପ୍ରସବା । ସେ ତାଙ୍କୁ ଏକାକିନୀ ବସାରେ ଛାଡିଦେଇ ଚାନ୍ଦା ସଂଗ୍ରହ କରିବାକୁ ସାଲେପୁରର ବିଲବଣରେ ବୁଲୁଥିଲେ । ପୁଣି ଏକ ଘଟଣାର ପୁଣ୍ୟସ୍ମୃତି ଏ ପର୍ଯ୍ୟନ୍ତ ମନ ମଧ୍ୟରେ ଜାଗରୁକ ରହିଛି । ୧୯୩୭ ମସିହା ଫେବୃୟାରି ମାସରେ ତଦାନୀନ୍ତନ ଜିଲ୍ଲା ମାଜିଷ୍ଟ୍ରେଟ ଓ୍ୱାଡ୍ ସାହେବଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣୀ ସଭା ସନ୍ଧ୍ୟା ଘ ୭ ଟିକା ସମୟରେ ପରିସମାପ୍ତ ହେଲା । ରାତି ୮ ଘଟିକା ସମୟରେ ବିଦ୍ୟାଳୟ ପରିଚାଳନା କମିଟିର ଏକ ବୈଠକ ବସିଲା । ତହିଁରେ ଜାଣିଲେ ପଡିଥାଏ, ଏକହଜାର ଟଙ୍କା ୩୪ ଦିନ ଭିତରେ ସ୍କୁଲ ଫଣ୍ଡରେ ଜମାରଖି ଶିକ୍ଷା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ସ୍କୁଲଟିକୁ ସରକାରୀ ମଞ୍ଜୁର ମିଳିବ । କିନ୍ତୁ ସ୍କୁଲ ପାଣ୍ଠିରେ କପର୍ଦ୍ଦକ ହିଁ ନ ଥିଲା । ସ୍ୱର୍ଗୀୟ ଜୟନାରାୟଣ ପରିଚାଳନା କମିଟିର ସମସ୍ତ ସଦସ୍ୟଙ୍କୁ ସାହାଯ୍ୟ ନିମିତ୍ତ ବ୍ୟାକୁଳ ପ୍ରାଣରେ ନିବେଦନ କଲେ । ସଦସ୍ୟମାନେ ସାହାଯ୍ୟଦାନ ନିମିତ୍ତ ସ୍ୱସ୍ୱ ଅକ୍ଷମତା ପ୍ରକାଶ କରିବାରୁ ସେ ବ୍ୟଥିତ ହୋଇ ଉନ୍ନିଦ୍ର ରଜନୀ କଟାଇଲେ । ଶୋକବିହ୍ୱଳ ବାଷ୍ପରୁଦ୍ଧ କଣ୍ଠରେ ସେ ମୋତେ କହିଲେ "ମୋର ବଡ଼ପୁଅ ଯାମିନୀ ଗର୍ଭଯନ୍ତ୍ରଣାରେ ପଡ଼ି ଜୀବନର ଆଶା ନାହିଁ ବୋଲି କହିଲେ ମୁଁ କଣ ନିରାଶ ହୋଇ ତାର ଜୀବନ ରକ୍ଷା କରିବାକୁ ଚେଷ୍ଟା କରିବି ନାହିଁ ? ସାଲେପୁର ହାଇସ୍କୁଲ ମୋ ଆଖିରେ ମୋ ପୁଅ ଯାମିନୀ ଅପେକ୍ଷା ପ୍ରିୟତର । ନବଜାତ ଶିଶୁର ଜୀବନ ରକ୍ଷା ନିମିତ୍ତ ମୋତେ ଅବଶ୍ୟ ଚେଷ୍ଟା କରିବାକୁ ହେବ ।" ଏତିକି କହି ଦେଇ ଅରଦାନ ସକାଳୁ ସ୍ଥାନୀୟ କୁଇଜଣ ମହାଜନଙ୍କଠାରୁ ନିଜ ନାମରେ ହ୍ୟାଣ୍ଡନୋଟ ଦେଇ ଏକ ହଜାର ଟଙ୍କା ଆଣି ସ୍କୁଲ ପାଣ୍ଠିରେ ଜମାଦେଇଥିଲେ । ଏହିପରି ନବଜାତ ଶିଶୁଟି ଜୀବନ ସଂକଟରୁ ରକ୍ଷା ପାଇଗଲା । ପାଠକେ ! ମନେ ରଖିବେ ସ୍ୱର୍ଗୀୟ ଜୟନାରାୟଣ ସାଲେପୁରବାସୀ ନୁହନ୍ତି । ସେ ପୁରୀଜିଲ୍ଲାର ପିପିଲିଥାନା ଅନ୍ତର୍ଗତ ନୂଆଶାସନ ପଲ୍ଲୀର ପ୍ରସିଦ୍ଧ କରଣ ବଂଶରେ ଅକ୍ଷୟ ତୃତୀୟା ଦିବସରେ ଜନ୍ମଲାଭ କରିଥିଲେ । ହୃଦୟ କେଡ଼େ ଉଚ୍ଚ ହେଲେ ମନୁଷ୍ୟ କ୍ଷୁଦ୍ର ଭୌଗୋଳିକ ସୀମାରୁ ବହିର୍ଗତ ହୋଇ ସମୁଦାୟ ମାନବଜାତିକୁ ଆପଣାର କରିପାରେ ! ବିପ୍ରଶର୍ମା ଯଥାର୍ଥରେ କହିଛନ୍ତି:—

ଅୟଂ ନିଜଃ ପରୋ ବେତି
ଗଣନା ଲଘୁ ଚେତସାମ୍
ଉଦାର ଚରିତାନାନ୍ତୁ ବସୁଧୈବ କୁଟୁମ୍ବକମ୍—

ସ୍ୱର୍ଗତ ଜୟନାରାୟଣ ସେହିପରି ଉଦାର ଚରିତ ପୁରୁଷ ଥିବାରୁ ସରକାରୀ ନାଗପାଶ ବନ୍ଧନକୁ ଭ୍ରୂକ୍ଷେପ ନ କରି ଦେଶର ଭାବୀ-ବଂଶର ଉନ୍ନତି କଳ୍ପେ ସାଲେପୁରକୁ ନିଜର କର୍ମ-କ୍ଷେତ୍ର ବାଛିଲେ । ନୀରବ କର୍ମୀଙ୍କର ସାଧନା ସଫଳ ହୋଇଅଛି । ଏ ବିଦ୍ୟାଳୟ ଓ ଏହାର ଜଳ,ସ୍ଥଳ,ପବନ ଏହାର ମୂକସାକ୍ଷୀ । ଏ ମହାଶୟ ଦୀର୍ଘ ୫ବର୍ଷ ଏଠାରେ ଅବସ୍ଥାନ କରି ବିଦ୍ୟା-ଳୟଟିକୁ ପୂର୍ଣ୍ଣାଙ୍ଗ କରିବା ପରେ କେନ୍ଦ୍ରାପଡାକୁ ବଦଳି ହୋଇଥିଲେ ହେଁ ଏହି ଅନୁଷ୍ଠାନର ସମ୍ପାଦକତ୍ୱ କରିଥିଲେ । ବିଦାୟକାଳୀନ ଭାଷଣରେ ସେ କହିଥିଲେ, "ସାଲେପୁର ମୋର କେବଳ ନୁହେଁ, ମୋର ବଂଶଧରମାନଙ୍କ ତୀର୍ଥସ୍ଥାନ ।"

Digitized by PPRACHIN, SOA

ଆଜି ଇହଧାମରୁ ବିଦାୟ ନେବା ବେଳେ କର୍ମୀ ଜୟନାରାୟଣ ଏହି ଭାବ ପୋଷଣ କରି ଆମ୍ଭମାନଙ୍କଠାରୁ ବିଦାୟ ନେଇଛନ୍ତି ବୋଲି ବିଶ୍ୱାସ କରିବା ଅସଂଗତ ନୁହେଁ । ଜୟନାରାୟଣ ଇହଧାମରେ ନାହାନ୍ତି, ତାଙ୍କର ଉଦାର ପ୍ରାଣର ତରଳ ଆଳାପ ଓ ହାସ୍ୟ ଚିରଦିନ ପାଇଁ ଏ ଭୌତିକ ଜଗତରୁ ଲୋପ ପାଇଛି । କିନ୍ତୁ ତାଙ୍କର କର୍ମ ଲୋପ ପାଇନାହିଁ । ସାଲେପୁରବାସୀଙ୍କ ଆଗରେ ସେ ମୃତ ନୁହନ୍ତି । ସେ ଚିର ଅମର । ଚିରଋଣୀ ହୋଇ ସାଲେପୁରବାସୀ ତାଙ୍କୁ ସ୍ମରଣ କରୁଥିବେ । ସ୍ୱର୍ଗତ ଦେବତା ଜୟନାରାୟଣଙ୍କ ସ୍ମୃତିରକ୍ଷା କଲେଜ କୌଣସି ଏକ ସ୍ଥାୟୀ କର୍ମ-ହେଉ, ଏହା ମୋର ସାଲେପୁରବାସୀଙ୍କ ନିକଟରେ ନିବେଦନ ।

ସ୍ୱର୍ଗୀୟ ଜୟନାରାୟଣଙ୍କ ଜୀବନରୁ ଉତ୍କଳ-ବାସୀଙ୍କର ଶିକ୍ଷା କରିବାର ଯଥେଷ୍ଟ ସାମଗ୍ରୀ ଅଛି । ଜାତିର ଉନ୍ନତିର ଭିତ୍ତି 'ଶିକ୍ଷା ପ୍ରସାର' । ଦେଶପ୍ରାଣ ଜୟନାରାୟଣ ଏହା ପ୍ରାଣେ ପ୍ରାଣେ ବୁଝି ସୀମାବଦ୍ଧ ଶକ୍ତି ମଧ୍ୟରେ ରହି ଉତ୍କଳର ବିଭିନ୍ନ ସ୍ଥାନରେ ଲୋକହିତକର ଶିକ୍ଷାନୁଷ୍ଠାନ-ମାନ ସ୍ଥାପନ କରି ଅଛନ୍ତି । ପରାଧୀନ ରହି ସଂକୁଚିତାବସ୍ଥାରେ ଲୋକହିତକର କାର୍ଯ୍ୟ କରାଯାଇ ପାରେ, ଏହା ସମସ୍ତ ଉଚ୍ଚଶିକ୍ଷିତ କର୍ମଶୂନ୍ୟମାନଙ୍କୁ ଆଶାର ବାଣୀ ଶୁଣାଇବ ଓ ସତ୍‌କର୍ମ ପାଇଁ ପ୍ରେରଣା ଦେବ । ଦେଶର ଭାବୀ ଯୁବକ ସେହି ନୀରବକର୍ମୀଙ୍କଠାରୁ ନିଶ୍ଚୟ ଉଦ୍‌ବୋଧନ ଲାଭ କରୁଥିବେ । ଉତ୍କଳ ଇତିହାସରେ ସରକାରୀ ବନ୍ଧନରେ ରହି ଲୋକ-ହିତକର ଅନୁଷ୍ଠାନ ଗଢ଼ିବାର ଦୃଷ୍ଟାନ୍ତ ବିରଳ । କିନ୍ତୁ କର୍ମପ୍ରବୀଣ ଜୟନାରାୟଣ ଦେଶରୁ ଏ ବିରଳତା ଭାଙ୍ଗି ସମସ୍ତଙ୍କୁ ଉଜ୍ଜ୍ୱଳ ପଥ ଦେଖାଇ ଯାଇଛନ୍ତି । ଦେଶବାସୀ ଉଦ୍‌ବୁଦ୍ଧ ହୁଅନ୍ତୁ । ଶତଶତ ଜୟନାରାୟଣ ଜନ୍ମ ପରିଗ୍ରହ କରି ଏ ମୃତକଳ୍ପ ଜାତି ପ୍ରାଣରେ ଆଶାର ସଂଚାର କରନ୍ତୁ । ସ୍ୱର୍ଗତ ଜୟନାରାୟଣଙ୍କ ଆଶୀର୍ବାଦ ବାରି ଏ ଜାତି ମସ୍ତକରେ ପଡ଼ୁ । ଅଜ୍ଞାନାନ୍ଧକାର ବିଦୂରିତ ହେଉ—ଏହାହିଁ ଆମ୍ଭମାନଙ୍କର ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳିଃ—



Digitized by PPRACHIN, SOA

ବିୟୋଗେ

ଶ୍ରୀମାନ୍ ନବକିଶୋର ସାମଲ
ଏକାଦଶ ଶ୍ରେଣୀ

ପୂଜ୍ୟ ! ତୁମର ତିରୋଧାନେ
ତବ ଜୀବନର ଜୟଗାନେ
କେତେ ବ୍ୟଥିତ ଅନ୍ତର କାନ୍ଦେ

କାନ୍ଦଉଠେ ମାତୃଭୂମି
ଜୀବନର ପ୍ରିୟଭୂମି
ତୁମର ଚରଣେ ଅଜି ବନ୍ଦେ ।

ସେବେ ଅହେ ଦେଶବନ୍ଧୁ
ନେଇଛ ଚିର ବିଶ୍ରାମ
ମାୟା ଓ ମମତା କାଟି ସବୁର

ଜୀବନର ତାଳେ ତାଳେ
ହୃଦୟର ଛନ୍ଦେ ଛନ୍ଦେ
କେ ଭୋଳିବ ଅଶାର ପାରେର ?

ତୁମ ଦେଶ ଶିଶୁ ପାଇଁ
'ଜହ୍ନମାମୁଁ' 'ମଧୁକୋଷ'
ପ୍ରକାଶିଲ ଶିଶୁର ସଙ୍ଗୀଳ

ଏ ଦେଶର ଶିଶୁଗଣ
ଅଶାନ୍ତ ହୃଦୟେ ଦୁଃଖ
ତୁମେ ସେଣୁ ଯାଇଅଛ ଗ୍ଳୁଲ୍ !

ସହକାର ଯାଇଅଛୁ
ରହିଅଛୁ ମାତୃଭୂମି
ମାତୃସେବା କରିବାର ପାଇଁ

ସାରସ୍ୱତ ଭଣ୍ଡାରରେ
ମାତୃଭାଷା ଇତିହାସ
ଜଡ଼ିଅଛୁ ଉଜ୍ଜଳ ହୋଇ !

Digitized by PPRACHIN, SOA

ତେଣୁ ତୁମେ ସାହିତ୍ୟିକ,
ଅହେ ପୁରୁଷ ନିର୍ଭୀକ,
ଦୁଃଖ ଝଞ୍ଜା ସହିଛ ଅନେକ
ହୋଇଅଛ ଶେଷେ ଜୟୀ
ମୃତ୍ୟୁ ତବ ନାହିଁ ନାହିଁ
କୋଟି ନେତ୍ରୁ ଝରଇ ଲୋତକ ।
ଜନତାର ହାହାକାରେ
କରୁଣ କ୍ରନ୍ଦନେ
ରାଜପଥ ମୁଖରିତ ଆଜ,
ଦୁର୍ଭିକ୍ଷ ମରୁଡ଼ି ଆଜ
ନୃତ୍ୟକରେ ଦେଶେ
ଉତ୍କଳୀୟ ଅଭିଶପ୍ତ ଆଜ ।
ତଥାପି ଏ ଅନ୍ତରରେ
ଚାପିଛ ଏ ଜୀବନରେ
ତୁମର ସେ ଅମର କାହାଣୀ
କାଳେ କାଳେ ଥିବ ରହି
ଶୁଣାଇବ ଭବ୍ୟଲୋକୁ
ଆଶାଭରା ସରଗର ବାଣୀ ।
ପୂଣ୍ୟ ତବ ଜୀବନର ସ୍ମୃତି
କାଳ ଗର୍ଭେ ଯାହା ଲୁପ୍ତ
ହେବ ନାହିଁ କେବେ ହେଲେ ଭଟେନ,
ସରଗର ଯାତ୍ରୀ ତୁମେ ଆଜ
ସାନ୍ତ୍ୱନା ଓ ଆଶାସିକ୍ତ ବାଣୀ
ଶୁଣାଅ ଏ ଉତ୍କଳୀୟ କାନେ ।

Digitized by PPRACHIN, SOA

ସ୍ୱାଧୀନ ସାମ୍ବାଦିକତା

ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମିଶ୍ର, ଏମ୍. ଏ.
ସଭ୍ୟ, ଭାରତ ସେବକ ସମିତି

ସ୍ୱର୍ଗତ ବାଳକୃଷ୍ଣ କରଙ୍କ ନିରଳସ, କର୍ମମୟ ଜୀବନରେ ଅନେକଗୁଡ଼ିଏ ବିଶିଷ୍ଟ ଗୁଣର ସମାବେଶ ହୋଇଥିଲା । ସେ ଥିଲେ ଅନ୍ତରରୁ ଭାବରେ ସ୍ୱାଧୀନତା ପ୍ରିୟ । ସ୍କୁଲ୍ ଶିକ୍ଷକତା ତାଙ୍କ ସ୍ୱାଧୀନତା ପ୍ରୟାସକୁ କୌଣସି ମତେ ବାନ୍ଧିରଖି ପାରି ନ ଥିଲା । ତାଙ୍କ ଭଳି ଜଣେ ଗରିବ ଶିକ୍ଷକ ଯେ ଭବିଷ୍ୟତରେ କଟକର ପ୍ରେସ୍ ମାଲିକମାନଙ୍କ ମଧ୍ୟରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିବେ, ଏହା ବୋଧହୁଏ ତାଙ୍କର କୌଣସି ସମସାମୟିକ ବନ୍ଧୁ କଳ୍ପନା ମଧ୍ୟ କରି ନ ଥିଲେ । କିନ୍ତୁ ପ୍ରେସ୍ ପରିଚାଳନା ବ୍ୟବସାୟରେ ବାଳକୃଷ୍ଣ କର ପ୍ରଶଂସନୀୟ କୃତିତ୍ୱ ଦେଖାଇଥିଲେ । ଏହି ଦିଗରେ ଓଡ଼ିଆ ଯୁବକମାନଙ୍କ ଆଗରେ ସେ ଯେଉଁ ଉଚ୍ଚ ଆଦର୍ଶ ରଖିଯାଇଛନ୍ତି,ତାହା ଆମ୍ଭମାନଙ୍କର ଅନୁକରଣୀୟ । ବାଳକୃଷ୍ଣବାବୁ ଥିଲେ ଜଣେ କୃତବିଦ୍ୟ ସାହିତ୍ୟିକ । "ସହକାର" ମାସିକ ପତ୍ରର ସମ୍ପାଦନା, 'ଆନନ୍ଦଲହରୀ' ଉପନ୍ୟାସ ମାଳାର ପ୍ରକାଶ ଏବଂ ସର୍ବୋପରି 'ଶିଶୁସଙ୍ଗୀତ'ର ସଂକଳନ ଫଳରେ ତାଙ୍କ ନାଁ ଚିରଦିନ ଓଡ଼ିଆ ସାହିତ୍ୟ ଇତିହାସରେ ଲିପିବଦ୍ଧ ହୋଇ ରହିବ । କିନ୍ତୁ କେବଳ ଏତିକି କହିଲେ ବାଳକୃଷ୍ଣ ବାବୁଙ୍କର ପୂରା ପରିଚୟ ଦିଆଗଲା ବୋଲି ମନେ କରିବା ଠିକ୍ ହେବ ନାହିଁ । ସତ କହିବାପାଇଁ ଗଲେ ଯଦି କୌଣସି ବିଶିଷ୍ଟତା ଯୋଗୁଁ ସେ ଆଜି ସାରା ଓଡ଼ିଶାରେ ଚିରସ୍ମରଣୀୟ ହୋଇପାରିଛନ୍ତି ତାହା ହେଉଛି ତାଙ୍କର ସ୍ୱାଧୀନତା, ସାମ୍ବାଦିକତା ।

ବର୍ତ୍ତମାନ ସମୟରେ ସାମ୍ବାଦିକତା ହେଉଛି ଏକ ବହୁ ବ୍ୟୟସାଧ୍ୟ ବ୍ୟବସାୟ । ଯେଉଁମାନଙ୍କ ହାତରେ ପୁଞ୍ଜି ନାହିଁ, ସେମାନଙ୍କ ପକ୍ଷରେ ଆଜିକାଲି ସମ୍ବାଦପତ୍ର ପରିଚାଳନା କରିବା ଏକ ରକମ ଅସମ୍ଭବ । ତେଣୁ ବିଶିଷ୍ଟ ସାମ୍ବାଦିକ ହେବା ଭଳି ଯୋଗ୍ୟତା ବହୁଲୋକଙ୍କର ଥିଲେ ହେଁ, ପୁଞ୍ଜି ଅଭାବରୁ ସେମାନେ ସ୍ୱାଧୀନ ଭାବରେ ସାମ୍ବାଦିକତା କରି ପାରନ୍ତି ନାହିଁ । ବାଧ୍ୟହୋଇ ସମ୍ବାଦପତ୍ର ମାଲିକଙ୍କଠାରେ ମୁଣ୍ଡବିକି ଜୀବିକା ନିର୍ବାହ କରନ୍ତି । ଆମ ଦେଶରେ ଗଣତନ୍ତ୍ର ଶାସନ ଓ ଦଳଗତ ରାଜନୀତି ପ୍ରବର୍ତ୍ତିତ ହେଲା-ଦିନୁ, ସମ୍ବାଦପତ୍ର ପରିଚାଳନାରେ ସାମ୍ବାଦିକ-ମାନଙ୍କ କର୍ତ୍ତୃତ୍ୱ ଲୋପ ପାଇ ରାଜନୀତିବିତ୍ ଓ ପୁଞ୍ଜି-ବାଦୀଙ୍କ ଶାସନ ଜାରି ହେଲାଣି । ପୂର୍ବରେ 'ଲିଡ଼ର' କାଗଜର ସମ୍ପାଦକ ଶ୍ରୀଯୁକ୍ତ ସି: ୱାଇ: ଚିନ୍ତାମଣି ଅଥବା 'ହିନ୍ଦୁ' କାଗଜର ସମ୍ପାଦକ ଶ୍ରୀଯୁକ୍ତ ରଙ୍ଗ ସ୍ୱାମୀ ଆୟଙ୍ଗାର ଅଥବା 'ଅମୃତ ବଜାର ପତ୍ରିକା'ର ସମ୍ପାଦକ ଶ୍ରୀଯୁକ୍ତ ମୋତିଲାଲ ଘୋଷ ନିଜର ମତ ପ୍ରକାଶ ଦିଗରେ ଯେଉଁ ସ୍ୱାଧୀନତା ଉପଭୋଗ କରୁଥିଲେ, ଆଜିକାଲି ସମ୍ବାଦପତ୍ର ସମ୍ପାଦକମାନଙ୍କର ସେହି ସୌଭାଗ୍ୟ ନାହିଁ । ସେମାନେ ପ୍ରକୃତରେ ସେମାନଙ୍କ ମାଲିକମାନଙ୍କ ସ୍ୱରାନୁକରଣ କରିବା ଛଡ଼ା ଅନ୍ୟ କିଛି କରିପାରୁ ନାହାନ୍ତି । ବର୍ତ୍ତମାନ ଆମଦେଶରେ କେତେକ ବିଶିଷ୍ଟ ସମ୍ବାଦପତ୍ର ଯଥା 'ହିନ୍ଦୁସ୍ଥାନ

Digitized by PPRACHIN, SOA

ଟାଇମ୍‌ସ’ ‘ଲିଡ଼ର’ ‘ସର୍ଚ୍ଚଲାଇଟ’ ବିର୍ଲ୍ଲା ପରିବାରର ଅଧୀନ ଏବଂ ଏକ୍‌ସପ୍ରେସ୍ ଗୋଷ୍ଠୀର କାଗଜଗୁଡ଼ିକ ଶିଳ୍ପପତି ରମାନାଥ ଗୋୟେଙ୍କା-ଙ୍କର ଅଧୀନ; ‘ଟାଇମ୍‌ସ ଅଫ୍ ଇଣ୍ଡିଆ’‘ଇଲ୍‌ଷ୍ଟ୍ରେଟେଡ୍ ୱିକ୍‌ଲି’ ପ୍ରଭୃତି ଡାଲମିଆଁ ପରିବାରର ଅଧୀନ । ଦିଲ୍ଲୀର ‘ହିନ୍ଦୁସ୍ଥାନ ଟାଇମ୍‌ସ’ ଯେଉଁ ନୀତି ପ୍ରଚ୍ଚର କରେ, ଅହଲ୍ଲାବାଦରେ ‘‘ଲିଡ଼ର’’ ସେହି ନୀତି ପ୍ରଚ୍ଚର କରେ ଓ ପାଟଣାର ‘ସର୍ଚ୍ଚଲାଇଟ’ ତାହାର ଅନୁକରଣ କରେ । ଅନେକ ସମୟରେ ଏହି ତିନିଗୋଟିଯାକ କାଗଜରେ ଏକା ଧରଣର, ଏକ ରକମର ସମ୍ପାଦକୀୟ ପ୍ରକାଶିତ ହୋଇଥାଏ । ଏପରିସ୍ଥଳେ ଏହି ଖବର କାଗଜ ସମ୍ପାଦକମାନଙ୍କର ସାମ୍ବାଦିକ ସ୍ୱାଧୀନତା ଅଛି ବୋଲି କହିବା ଶବ୍ଦର ଅପ-ବ୍ୟବହାର ଛଡ଼ା ଆଉ କିଛି ନୁହେଁ । ଆଉଟୋଟିଏ ଦୁଃଖର କଥା, ଯେଉଁମାନେ ସମ୍ବାଦପତ୍ର ମାଲିକ ସେମାନଙ୍କର ଦେଶ ପ୍ରତି ଦାନ ଥାଉ ବା ନଥାଉ ଯେଉଁ ଖବର କାଗଜଗୁଡ଼ିକ ସେମାନଙ୍କର ଟଙ୍କାରେ ଚଳନ୍ତି, ଉକ୍ତ ଖବର କାଗଜ ଗୁଡ଼ିକରେ ସେମାନଙ୍କ ମତକୁ ଅଯଥା ପ୍ରାଧାନ୍ୟ ଦିଆଯାଇଥାଏ । ସେଠ୍ ରାମକୃଷ୍ଣ ଡାଲମିଆଁ ଗୋ ଜାତିର ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ । ତେଣୁ ତାଙ୍କ ଟଙ୍କାରେ ଚଳୁଥିବା କାଗଜ ଗୋ ଜାତିର ସେବା ସମ୍ବନ୍ଧରେ ବରାବର ଲେଖେ । ସେଠ୍ ଘନଶ୍ୟାମ ଦାଶ ବିର୍ଲ୍ଲାଙ୍କ ଲେଖା କିମ୍ବା ବକ୍ତୃତା ଅନ୍ୟ କୌଣସି ସମ୍ବାଦ-ପତ୍ରରେ ସ୍ଥାନ ପାଉ ବା ନ ପାଉ ‘ହିନ୍ଦୁସ୍ଥାନ ଟାଇମ୍‌ସ’ କାଗଜ ତାହା ବରାବର ଛାପିଥାଏ । ଆମର ଓଡ଼ିଶାରେ ମଧ୍ୟ ଏହି ଦୃଷ୍ଟାନ୍ତର ଅଭାବ ନାହିଁ । ଓଡ଼ିଶାର କେତୋଟି କାଗଜ ମନେ କରନ୍ତି ଯେ, ତାଙ୍କର ମାଲିକମାନେହିଁ ମନ୍ତ୍ରୀ ଅଥବା ବ୍ୟବସ୍ଥା ସଭାର ସଭ୍ୟ, ଅନ୍ୟମାନେ ନୁହଁନ୍ତି । ତେଣୁ ତାଙ୍କ ମାଲିକମାନେ କେବେ କେଉଁ ଆଡ଼େଗଲେ ତାହା ବଡ଼ ବଡ଼ ହରପରେ ଉକ୍ତ ଖବର କାଗଜରେ ସବୁ ପ୍ରକାଶିତ ହୁଏ । ଓଡିଶାର ଅନ୍ତତଃ ଦୁଇଟି ଦୈନିକ କାଗଜର ସମ୍ପାଦକ ଅଲଗା ଅଲଗା ଥିଲେହେଁ ଏକା ରକମର ସମ୍ପାଦକୀୟ ପ୍ରକାଶିତ ହେବା ବହୁବାର ଦେଖାଯାଇଅଛି । ଏହି ସବୁ ଖବର କାଗଜର ସାମ୍ବାଦିକ ସ୍ୱାଧୀନତା ଅଛି ବୋଲି କହିବା, ଧର୍ମକୁ ‘ଆଖି ମିଟିକା’ ମାରିବା ଛଡ଼ା ଆଉ କିଛି ନୁହେଁ । ତାପରେ ବିଶିଷ୍ଟ ସମ୍ବାଦପତ୍ରର ନିୟମ ହେଉଛି ଯେ ଉକ୍ତ ସମ୍ବାଦପତ୍ରରେ ସମ୍ପାଦକଙ୍କର କେବେହେଲେ ସ୍ତୁତିଗାନ କରାଯାଏ ନାହିଁ । ‘‘ଷ୍ଟେଟସ ମ୍ୟାନ୍’’ ସମ୍ବାଦପତ୍ରର ସମ୍ପାଦକ କିଏ ? ଏହା ତୁମକୁ ଚେଷ୍ଟାକରି ବାହାର କରିବାକୁ ହେବ । ସେ ଶ୍ରୀଯୁକ୍ତ ତୁଷାରକାନ୍ତି ଘୋଷଙ୍କ ଭଳି ସବୁବେଳେ ତୁମ ଆଖି ଆଗରେ ନାଚୁ ନଥିବେ । ମୋଟ ଉପରେ ସେହିଗୁଡିକ ବିଶିଷ୍ଟ ସମ୍ବାଦପତ୍ର ବୋଲି ଧରାଯାଆନ୍ତି, ଯେଉଁ ଗୁଡିକ ପୂରାପୂରି ସାମ୍ବାଦିକମାନଙ୍କ ଦ୍ୱାରା ପରିଚ୍ଚାଳିତ । ଏକା ମାଲିକଙ୍କ ଅଧୀନରେ ବହୁ ସମ୍ବାଦପତ୍ରର ପରିଚ୍ଚାଳନା ସ୍ୱାଧୀନ ସାମ୍ବାଦିକତାର ଘୋର ପ୍ରତିବନ୍ଧକ । ଏହାଦ୍ୱାରା ସାମ୍ବାଦିକମାନଙ୍କ ସ୍ୱାଧୀନତା ଲୋପ ପାଇଥାଏ । ଯେଉଁ ସମ୍ପାଦକ ନିଜର ଉନ୍ନତି ଲାଗି ସମ୍ବାଦପତ୍ରକୁ ହାତବାରିଶି ରୂପେ ବ୍ୟବହାର କରନ୍ତି, ସେ ଅନ୍ୟ ଯାହା କରନ୍ତୁ ପଛେ, ସାମ୍ବାଦିକତା ଯେ କରନ୍ତି ନାହିଁ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ଏହିସବୁ ଦୃଷ୍ଟିରୁ ବିଚ୍ଚର କଲେ ସ୍ୱର୍ଗତ ଶ୍ରୀଯୁକ୍ତ ବାଳକୃଷ୍ଣ କର ଥିଲେ ଏକ ଆଦର୍ଶ

Digitized by PPRACHIN, SOA

ସାମ୍ବାଦିକ । ସାମ୍ବାଦିକତା କରିବାଛଡ଼ା ତାଙ୍କର ଅନ୍ୟ କୌଣସି କାମନା ନଥିଲା । ସେ ଯେ ରାଜନୀତିକ ପଦ-ପ୍ରୟାସୀ ନ ଥିଲେ, ତାଙ୍କ ଦୀର୍ଘ ଜୀବନ ତାର ଏକ ଜ୍ୱଳନ୍ତ ନିଦର୍ଶନ । ବାଲକୃଷ୍ଣ ବାବୁ କାହାର ବେତନଭୋଗୀ କର୍ମଚାରୀ ନଥିଲେ । ସେ ଥିଲେ ସାମ୍ବାଦିକ ଏବଂ ମାଲିକ ଉଭୟ । ତେଣୁ ତାଙ୍କ ନେତୃତ୍ୱରେ "ମାତୃଭୂମି" କାଗଜ ଯେତେଦୂର ସାମ୍ବାଦିକ ସ୍ୱାଧୀନତା ଦେଖାଇଥିଲା ଅଥବା ଅନ୍ୟ ଭାବରେ କହିବାକୁ ଗଲେ "ମାତୃଭୂମି" କାଗଜ ସାମ୍ବାଦିକ ସ୍ୱାଧୀନତା ଦେଖାଇବ ବୋଲି ଦେଶର ଜନସାଧାରଣଙ୍କର ଯେତେଦୂର ବିଶ୍ୱାସ ଥିଲା, ଓଡ଼ିଶାର ଅନ୍ୟ କୌଣସି କାଗଜ ସମ୍ବନ୍ଧରେ ଲୋକଙ୍କର ସେହି ବିଶ୍ୱାସ ନଥିଲା । ବାଲକୃଷ୍ଣ ବାବୁଙ୍କର ଅନ୍ୟଏକ ପ୍ରଶଂସନୀୟ ସ୍ୱଭାବ ଥିଲା—ସେ କେବେ ନିଜ ନାମକୁ ଖବର କାଗଜରେ ଦେଖିବା ପାଇଁ ଉଦ୍‌ବିଗ୍ନ ହେଉ ନଥିଲେ । ତାଙ୍କ ସମ୍ପାଦିତ "ମାତୃଭୂମି" କାଗଜ ମନ ଦେଇ ପାଠ କଲେ ଏହି ଉକ୍ତିର ଯଥାର୍ଥତା ସହଜରେ ବୁଝିହେବ । ମୋଟ ଉପରେ ମୋର ବିନୀତ ମତରେ ବାଲକୃଷ୍ଣବାବୁ ଥିଲେ ଏକ ଆଦର୍ଶ, ନିର୍ଭୀକ, ଜ୍ଞାନୀ, ସ୍ୱାଧୀନ ମତବାଦୀ ସାମ୍ବାଦିକ ଓ କବି । ଲୋକଙ୍କର ଉପକାର ସାଧନଲାଗି ଦେଶର ଅତି ବିଶିଷ୍ଟ ରାଜ କର୍ମଚାରୀମାନଙ୍କର ଦୋଷ ଦୁର୍ବଳତା ଆଲୋଚନା କରିବା ପାଇଁ ସେ ଲେଶ ମାତ୍ର କୁଣ୍ଠିତ ହେଉ ନଥିଲେ । ସେଥି-ଯୋଗୁଁ ସେ ବହୁ ବିଶିଷ୍ଟ ରାଜ କର୍ମଚାରୀଙ୍କର ବିଷ ନଜରରେ ପଡ଼ିଥିଲେ, ବହୁ ଗଞ୍ଜଣା ସହିଥିଲେ । ସେ ସବୁର ଆଲୋଚନା କରି ବ୍ୟକ୍ତି ବିଶେଷଙ୍କ କଥା ପଦାରେ ପକାଇବା ମୋର ଉଦ୍ଦେଶ୍ୟ ନୁହେଁ । ମୋଟ ଉପରେ, ଆଦର୍ଶ ବ୍ୟବହାର ସମ୍ପର୍କରେ ଭର୍ତ୍ତୃହରିଙ୍କର ଯେଉଁ ଅମୃତବାଣୀ ରହିଅଛି ସ୍ୱର୍ଗତ ବାଲକୃଷ୍ଣ ବାବୁ ନିଜ ଜୀବନରେ ତାହା ଅନେକ ପରିମାଣରେ ପାଳିଥିଲେ । ନିଜ କୃତକର୍ମର ଆଲୋଚନା କରି ସେ ବୋଧହୁଏ କହୁଥିଲେ:—

"ନିନ୍ଦନ୍ତୁ ନୀତି ନିପୁଣା ଯଦି ବା ସ୍ତୁବନ୍ତୁ
ଲକ୍ଷ୍ମୀଃ ସମାବିଶତୁ ଗଚ୍ଛତୁ ବା ଯଥେଷ୍ଟମ୍ ,
ଅଦୈବବା ମରଣମସ୍ତୁ ଯୁଗାନ୍ତରେ ବା
ନ୍ୟାଯ୍ୟାତ୍ ପଥଃ ପ୍ରବିଚଲନ୍ତି ପଦଂ ନଧୀରାଃ ।



Digitized by PPRACHIN, SOA

ମୃତ୍ୟୁଞ୍ଜୟ

କୁମାରୀ ତୁଳସୀ ଦାସ

ଦୈନ୍ୟରେ ସମୃଦ୍ଧ ଯାର ଜୀବନର ପ୍ରଥମ ଅଧ୍ୟାୟ,
ପଙ୍କରୁ ଜନମି ଯିଏ ଅରଜିଲା ପଙ୍କଜ ଗୌରବ,
କାଳ ବକ୍ଷେ ଖେଳାଇଲା କଳା-ନାଗ ଖଳକାର ସମ,
ବିଶ୍ୱ ରନ୍ଧ୍ରେ ରନ୍ଧ୍ରେ ଭରି
ଯାର ପ୍ରେମ ପ୍ରଗଲ୍ଭ ସୌରଭ ।

ଘଟାନ୍ତର ଯାର କଲା ଘଟେ ଘଟେ ବିଦ୍ୟୁତ ସ୍ଫୁରଣ,
ଯାର ନାହିଁ କାନ୍ତି ଆଉ ସୌହାର୍ଦ୍ଦ୍ୟର ନାହିଁ ପଟାନ୍ତର,
ଯାର ସ୍ମୃତି ନେଇ କାନ୍ଦେ ଆକାଶ ଓ ଶଇଳ ସାଗର,
ଅସମ୍ଭବ ସେ ମରିବା—
ମୃତ୍ୟୁଞ୍ଜୟ ବାଲକୃଷ୍ଣ କର ।

ମୋ ହାଇସ୍କୁଲ ସ୍ମୃତି

ଅଧ୍ୟାପକ—**ଶ୍ରୀ ହରିହର ମିଶ୍ର,**
ରେଭେନ୍‌ସା କଲେଜ

ପନ୍ଦରରୁ କୋଡ଼ିଏ ବର୍ଷ ବୟସ ଭିତରେ ମନୁଷ୍ୟର ଦେହ ଓ ମନରେ ଯେତେ ସମୃଦ୍ଧି ହୁଏ, ଅନ୍ୟ କୌଣସି ବୟସରେ ପ୍ରାୟ ସେତେ ହୁଏ ନାହିଁ । ଏହି ବୟସରେ ହିଁ ସ୍ୱାସ୍ଥ୍ୟ, ଶିକ୍ଷା ଓ ଚରିତ୍ରର ଭିତ୍ତି ସ୍ଥାପିତ ହୋଇଥାଏ । ତେଣୁ ଏହା ଜୀବନର ସବୁଠାରୁ ମୂଲ୍ୟବାନ ସମୟ । ସାଧାରଣତଃ ଏ ବୟସକୁ ହାଇସ୍କୁଲ ଶିକ୍ଷା ଆରମ୍ଭ ହୋଇଥାଏ । ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହେବାପରେ ହିଁ ଲୋକ ସାବାଳକ ବୋଲି ଗଣ୍ୟ ହୁଏ ଓ ଜୀବନ କ୍ଷେତ୍ରରେ ପ୍ରବେଶ କରିବାପାଇଁ ଉପଯୁକ୍ତ ବିବେଚିତ ହୁଏ । ସେଥିପାଇଁ ପୂର୍ବେ ହାଇସ୍କୁଲ ପରୀକ୍ଷାକୁ ପ୍ରବେଶିକା ପରୀକ୍ଷା କୁହାଯାଉଥିଲା ।

ମୋ ଜୀବନର ଏହି ମୂଲ୍ୟବାନ ସମୟଟି କଟିଥିଲା ସାଲେପୁର ହାଇସ୍କୁଲରେ । ସେଉଁମାନେ ପ୍ରାତଃ ସ୍ମରଣୀୟ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସତ୍ୟବାଦୀ ହାଇସ୍କୁଲର ଛାତ୍ର ହୋଇ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ ଓ ଆଚାର୍ଯ୍ୟ ହରିହର ପ୍ରଭୃତି ଆଦର୍ଶ ଶିକ୍ଷକମାନଙ୍କ

Digitized by PPRACHIN, SOA

ତତ୍ତ୍ୱାବଧାନରେ ନିଜ ନିଜର ଶିକ୍ଷା, ସ୍ୱାସ୍ଥ୍ୟ ଓ ଚରିତ୍ର ଗଠନ କରିଥିଲେ, ଆଜି ସୁଦ୍ଧା ସେମାନଙ୍କର ବୈଶିଷ୍ଟ୍ୟ ନାନା କ୍ଷେତ୍ରରେ ନାନା ଭାବରେ ପରିସ୍ଫୁଟ ହେଉଅଛି । ସାଲେପୁର ହାଇସ୍କୁଲର ଛାତ୍ର ହିସାବରେ ସେପରି ବୈଶିଷ୍ଟ୍ୟ ହୁଏତ କାହାର ନାହିଁ । ତଥାପି ସେଠାରେ ମଧ୍ୟ ଅନୁପ୍ରାଣିତ ପ୍ରତିଷ୍ଠାତା ଓ ପ୍ରେରଣାମୂର୍ତ୍ତି ଶିକ୍ଷକଙ୍କ ସାନ୍ନିଧ୍ୟ ଲାଭ କରିବାର ସୌଭାଗ୍ୟ ମୋପରି କେତେ ଜଣଙ୍କର ହୋଇ ପାରିଥିଲା ।

୧୯୩୭ ମସିହା । ସାଲେପୁର ହାଇସ୍କୁଲର ଦଶମ ଶ୍ରେଣୀ ଖୋଲିଥାଏ । ଯେଉଁଦିନ ଅଷ୍ଟମ ଶ୍ରେଣୀରେ ମୋର ନାମଲେଖା ହେଲା, ସେଦିନ ବାପା ମୋତେ ସଙ୍ଗରେ ଆଣି ଥାଆନ୍ତି । ବଜାରରୁ ଜଳଖିଆ ଖାଇ ଫେରିଲାବେଳକୁ ସ୍କୁଲ ଆଗରେ ଚାରିଜଣ ଭଦ୍ରଲୋକ ଠିଆ ହୋଇଥିଲେ । ବାପା ମୋତେ ସେମାନଙ୍କ ପାଖକୁ ନେଇ ପ୍ରତ୍ୟେକଙ୍କୁ ଭୂମିଷ୍ଠ ନମସ୍କାର କରାଇଲେ । ସେମାନଙ୍କଠାରେ ମୋଲାଗି କେତେକ ଆପତ୍ତି ଅନୁରୋଧ ମଧ୍ୟ କଲେ । ମୋର ସ୍ପଷ୍ଟ ମନେଅଛି, ସେମାନଙ୍କ ମଧ୍ୟରୁ ଦୁଇଜଣ ଆଗେଇ ଆସି ମୋ ପିଠି ଆଉଁଶି କେତେକ ଉତ୍ସାହପୂର୍ଣ୍ଣ କଥା କହିଲେ । ସେ ହେଉଛନ୍ତି ମୋର ପିତୃତୁଲ୍ୟ ପୂଜ୍ୟପାଦ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ମିଶ୍ର ଓ ତଦାନୀନ୍ତନ ପ୍ରଧାନ ଶିକ୍ଷକ ମୋର ଚିରସ୍ମରଣୀୟ ସ୍ୱର୍ଗତ କାହ୍ନୁଚରଣ ମିଶ୍ର । ଅନ୍ୟ ଦୁଇଜଣ ସାଲେପୁର ହାଇସ୍କୁଲର ବ୍ରହ୍ମା ଓ ବିଷ୍ଣୁ ଶ୍ରୀଯୁକ୍ତ ୰ଜୟନାରାୟଣ ଦାଶ ଓ ସ୍ୱର୍ଗତ ବାଳକୃଷ୍ଣ କର ମନୋଯୋଗ ସହକାରେ ସ୍କୁଲର ପୁରାତନ ପୁଷ୍କରଣୀକୁ ଲକ୍ଷ୍ୟକରି କଥାବାର୍ତ୍ତା ହେଉଥିଲେ । ଏହି ଚାରିଗୋଟି ପରିପୂରକ ବ୍ୟକ୍ତିତ୍ୱର ଏକତ୍ର ସମାବେଶ ମୁଁ ଅତୀତରେ ଦେଖି ନାହିଁ ।

ନାମ ଲେଖାପରେ ସ୍କୁଲର ଅଧ୍ୟାପନା ଆରମ୍ଭ ହେଲା । ମୁଁ ଓ ମୋ ସହପାଠୀମାନଙ୍କ ସୌଭାଗ୍ୟକ୍ରମେ ସ୍କୁଲର ପ୍ରତ୍ୟେକ ଶିକ୍ଷକ ନିଜ ନିଜ ବିଷୟରେ ପ୍ରବୀଣ ଥିଲେ । ମଧ୍ୟେ ମଧ୍ୟେ ଅଭିଜ୍ଞ ଶିକ୍ଷକ ଓ ଶିକ୍ଷାପ୍ରେମୀ ଶ୍ରୀଯୁକ୍ତ ବାଳକୃଷ୍ଣ କର ସ୍କୁଲକୁ ଆସି ଶ୍ରେଣୀ ପ୍ରଦର୍ଶନ କରୁଥାନ୍ତି ଓ ବେଳେ ବେଳେ ନିଜେ ଉଚ୍ଚଶ୍ରେଣୀମାନଙ୍କରେ ଶିକ୍ଷକତା କରି ଯାଆନ୍ତି ।

ଅନେକ ଛାତ୍ରଙ୍କ ସହିତ ମୁଁ ସ୍କୁଲ ସଂଲଗ୍ନ ଛାତ୍ରାବାସରେ ରହୁଥାଏ । ଅଳ୍ପଦିନ ପରେ ସ୍କୁଲର ପୁରାତନ ପୁଷ୍କରଣୀଟି ପ୍ରାୟ ଶୁଖିଗଲା । ଦିନେ ସନ୍ଧ୍ୟାବେଳେ ପ୍ରଧାନ ଶିକ୍ଷକ ଆମ୍ଭମାନଙ୍କର ଗୋଟିଏ ସଭା ଡାକିଲେ । ସେ ସଭାରେ ସେ ନିଜେ, ୰ଜୟନାରାୟଣ ଦାସ ଓ ୰ବାଳକୃଷ୍ଣ କର ଉପସ୍ଥିତ ଥାଆନ୍ତି । ଆମ୍ଭମାନଙ୍କୁ କୁହାଗଲା ଯେ ଛାତ୍ରାବାସରେ ସ୍ଥାନପାଇଁ ବହୁ ଦାବୀ ହେଉଥିବାରୁ ଛାତ୍ରାବାସର ବୃଦ୍ଧି ଆବଶ୍ୟକ । ଉପସ୍ଥିତ ଛାତ୍ରାବାସର ଦୁଇଭାଗ ମଧ୍ୟରେ ଯେଉଁ ସ୍ଥାନ ଥିଲା ତହିଁରେ ଆଉ କେତେଗୁଡ଼ିଏ କୋଠରୀ ନିର୍ମାଣ କରି ଦୁଇଭାଗକୁ ଯୋଗ କରିଦେବା ସବୁଠାରୁ ଉତ୍ତମ ଯୋଜନା ବୋଲି ବିବେଚିତ ହୋଇଥାଏ । କିନ୍ତୁ ସେହି ସ୍ଥାନରେହିଁ ସ୍କୁଲର ପୁରାତନ ପୁଷ୍କରିଣୀଟି ଥାଏ । ପୁଷ୍କରଣୀଟିର ପୂର୍ବଦିଗକୁ ଖୋଲି ତାହାର ପର୍ଶ୍ଚିମଦିଗ ପୋତିବାକୁ ସ୍ଥିରହେଲା । ପରଦିନ ସକାଳୁ ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ମହାଉତ୍ସାହରେ ପୁଷ୍କରଣୀରେ ଉପସ୍ଥିତ ହେଲୁ । ଦେଖିଲୁ ସମ୍ମୁଖରେ ପ୍ରଧାନ ଶିକ୍ଷକ କାହ୍ନୁବାବୁ, ଶ୍ରୀଯୁକ୍ତ ଜୟନାରାୟଣ ବାବୁ ଓ ଶ୍ରୀଯୁକ୍ତ ବାଳକୃଷ୍ଣ କର ମାଟିଖୋଳି ବୋହି ନେଉଛନ୍ତି । ସେହୁଁ ସେହୁଁ ଆମ୍ଭେମାନେ ସହସ୍ର ସଗରପୁତ୍ର ପରି ଖୋଳାପୋତା କାମରେ

Digitized by PPRACHIN, SOA

ଲାଗିପଡ଼ିଲା । ପ୍ରାୟ ଏକମାସ ଧରି ପ୍ରତିଦିନ ସକାଳୁ ଏହିପରି ଲାଗି ସମସ୍ତ କାର୍ଯ୍ୟ ଶେଷ କଲା । ସେହି କାର୍ଯ୍ୟର ସ୍ମୃତି ସ୍ୱରୂପ ଆଜି ପର୍ଯ୍ୟନ୍ତ ଦୁଇହାତାରେ ଗୁଟିଏ ଲେଖାଏଁ ବର୍ଣ୍ଣି ଅଛି । କେତେକ ଆମେରିକା ବନ୍ଧୁ ସେହି ବର୍ଣ୍ଣି ଲକ୍ଷ୍ୟକରି କହିଥିଲେ "ହରି, ତୁମେ ନିଶ୍ଚୟ ଭଲ ଟେନିସ ଖେଳି ଜାଣ । ତୁମ ହାତର ବର୍ଣ୍ଣି ତାହା କହି ଦେଉଛି !" ବର୍ଣ୍ଣିର ପ୍ରକୃତ କାରଣଟି ସେମାନଙ୍କୁ କହିବା ପରେ ସ୍କୁଲର ପ୍ରତିଷ୍ଠାତା ଓ ଶିକ୍ଷକମାନଙ୍କ ଯୋଜନା, ବୁଦ୍ଧି ଓ କର୍ମପ୍ରାଣତାକୁ ସେମାନେ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ ।

ଏପରି କାର୍ଯ୍ୟ ଅନ୍ୟ କୌଣସି ହାଇସ୍କୁଲରେ ଯେ ବିରଳ ଏଥିରେ ସନ୍ଦେହ ନାହିଁ । ସାଲେପୁର ହାଇସ୍କୁଲ ପକ୍ଷେ ଏହା ନିଶ୍ଚୟ ଏକ ବୈଶିଷ୍ଟ୍ୟ ।

ସ୍ୱର୍ଗତ ବାଳକୃଷ୍ଣ କର ସାଲେପୁର ହାଇସ୍କୁଲର ଅନ୍ୟ ଦୁଇଟି ବୈଶିଷ୍ଟ୍ୟ ପାଇଁ ମଧ୍ୟ ମୁଖ୍ୟତଃ ଦାୟୀ । ସେଠାରେ ମୋ ଅଧ୍ୟୟନ କାଳ ମଧ୍ୟରେ ଗୋଟିଏ ସୂତାକଟା ଓ ତନ୍ତବୁଣା କେନ୍ଦ୍ର ତାଙ୍କର ପ୍ରରୋଚନାରେ ସ୍ଥାପିତ ହୋଇ-ଥିଲା । ମୋ ଜଣାରେ ଓଡ଼ିଶାର କୌଣସି ଘରୋଇ ହାଇସ୍କୁଲରେ ଏପରି ଏକ ଶିଳ୍ପ ଶିକ୍ଷାର ପ୍ରବର୍ତ୍ତନ ତାହାହିଁ ପ୍ରଥମ । ଅବଶ୍ୟ ନାନା କାରଣରୁ ଏହି ଅନୁଷ୍ଠାନ ସ୍ୱାବଲମ୍ବୀ ହୋଇ ପାରିଲା ନାହିଁ । ଅନ୍ୟ କୌଣସି ଦିଗରୁ ସାହାଯ୍ୟ ଓ ଉତ୍ସାହ ନ ମିଳିବାରୁ ଅନୁଷ୍ଠାନଟି ବାଧ୍ୟ ହୋଇ ବନ୍ଦ କରି ଦିଆଗଲା ।

କିନ୍ତୁ ଯୋଜନାପଟୁ ଓ ଶିକ୍ଷାପ୍ରେମୀ 'କର' ମହାଶୟ ଏହା ଦ୍ୱାରା ହତୋତ୍ସାହ ହୋଇ ନ ଥିଲେ । ଅଳ୍ପକାଳ ମଧ୍ୟରେ ସେ ସ୍କୁଲ ସଂଲଗ୍ନ ୪ ଏକର ଚାଷଜମି ସ୍କୁଲ ଅଧିକାରକୁ ଆଣି ଛାତ୍ର-ମାନଙ୍କ ପାଇଁ ଏକ କୃଷିଶିକ୍ଷା ଯୋଜନା ଆରମ୍ଭ କରି ଦେଲେ । ଏହା କିଛିକାଳ ଚାଲିଲା ପରେ ଆର୍ଥିକ କାରଣରୁ ବନ୍ଦ ହୋଇ ଯାଇଅଛି । ହେଉ ପଛକେ, ସ୍ୱର୍ଗତ 'କର'ଙ୍କର ଅଦମ୍ୟ ପ୍ରଚେଷ୍ଟା ଓ ପ୍ରେରଣାର ପରାକାଷ୍ଠା ସ୍ପଷ୍ଟ ବିଦ୍ୟମାନ ରହିଅଛି । ଏବେ ତାଙ୍କର ଲୋକାନ୍ତର ହେଲା । ଯେଉଁ ଶିକ୍ଷକ କାହ୍ନୁଚରଣ ମିଶ୍ରଙ୍କୁ ମୁଁ ମୋ ଶିକ୍ଷକ ଜୀବନର ଆଦର୍ଶ ରୂପେ ବରି ନେଇଛି ସେ ସେହି ୧୯୩୭ ରେ ହିଁ ଅକାଳ ମୃତ୍ୟୁମୁଖରେ ପଡିଥିଲେ । ଅକ୍ଳାନ୍ତକର୍ମୀ, ତ୍ୟାଗବୀର ଶ୍ରୀଯୁକ୍ତ ଜୟନାରାୟଣ ଦାସ ପରଲୋକ-ଗତ ଓ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ମିଶ୍ରଙ୍କ ଆଦର୍ଶ ଜୀବନ ନିର୍ବାଣୋନ୍ମୁଖ, କିନ୍ତୁ ଇତିମଧ୍ୟରେ ସେହିମାନଙ୍କ କଳ୍ପନା ଓ କର୍ମପ୍ରସୂତ ସ୍ନେହ-ପାଳିତ ସାଲେପୁର ହାଇସ୍କୁଲ ଅଙ୍କୁରରୁ ଦ୍ରୁମରେ ପରିଣତ ହୋଇ ସାରିଛି । ସେତିକି କୁହେଁ; କଲେଜରୂପୀ ମହାଦ୍ରୁମରେ ପରିଣତ ହେବାର ସୁସ୍ପୃହା ସାଲେପୁର ହାଇସ୍କୁଲରେ ଜାଗିଛି ।

କଲେଜ ହୋଇ ପାରିବକି ନାହିଁ ବୋଲି ଅନେକ ସଂଦେହ ଓ ଆଶଙ୍କା ପ୍ରକାଶ କରିବାର ଲକ୍ଷ୍ୟ କରିଛି । କିନ୍ତୁ ସେପରି ସନ୍ଦେହ ବା ଆଶଙ୍କା ମୋ ମନରେ ସ୍ଥାନ ପାଇନାହିଁ । ସାଲେପୁର ଶିକ୍ଷାୟତନର ସୁନିପୁଣ ପ୍ରଯୋଜକ ବାଳକୃଷ୍ଣ ଆଉ ନାହାନ୍ତି ସତ, କିନ୍ତୁ ତାଙ୍କର ଆଦର୍ଶ, ତାଙ୍କର କର୍ମ ପ୍ରେରଣା ସେ ନେଇଯାଇ ନାହାନ୍ତି । ମୋର ଏକାନ୍ତ ଆଶା ଓ ବିଶ୍ୱାସ, ସାଲେପୁର ହାଇସ୍କୁଲର ସର୍ବଥା ଉତ୍ତରୋତ୍ତର ଉନ୍ନତି ଓ ସାଲେପୁରରେ କଲେଜ ପ୍ରତିଷ୍ଠା ହେବାଦ୍ୱାରା ସ୍ୱର୍ଗତ ବାଳକୃଷ୍ଣ କରଙ୍କର ଉପଯୁକ୍ତ ସ୍ମୃତିରକ୍ଷା ହେବ ।

Digitized by PPRACHIN, SOA

ସ୍ୱର୍ଗତ ଶ୍ରୀ ଜୟନାରାୟଣ ଦାସଙ୍କ ଉଦ୍ଦେଶ୍ୟରେ

"ଶ୍ରଦ୍ଧାଞ୍ଜଳି"

ଶ୍ରୀ ବଲ୍ଲଭେନ୍ଦ୍ରନାଥ ସେନ

ରକ୍ତ ପରାଗେ ମମ
ଜାଗେ କେତେ ଆଶା, ବ୍ୟଥିତ ବାସନା ଶ୍ରାନ୍ତ ଗୋଧୂଳି ସମ ।
ଗୁଞ୍ଜରେ କେତେ ମର୍ମରେ ମୋର ତୁମରି ଅମର ଗାଥା,
କେତେ ଇତିହାସ ଅତୀତ କାହାଣୀ ଶାନ୍ତିର ବାଣୀ ତଥା
ଆସିଥିଲ ତୁମେ ଏ ମାଟିରେ ଯେବେ ଦୈନ୍ୟ ଯାତନା ନେଇ,
ନାହିଁ ତ ନଥିଲା ସମ୍ବଳ କିଛି ତୁମରି ନିଜସ୍ୱ ପାଇଁ ।
ଦୁଃଖ ଯନ୍ତ୍ରଣା ଫେଇ ଦେଖାଇଲ ସ୍ୱରୂପ ସୁମହାନ,
ରଚିଗଲ ତୁମେ ଏ ମାଟିର ପରେ ନନ୍ଦନ ଉପବନ ।

ପୂତ ଶତଦ୍ରୋପୂଳା ନୀର,
ମରଣ ପାଇଣି ଧନ୍ୟ ହୋଇଛି ଯହିଁ ପୀଠ ଶାଳିପୁର ।
ସେହି ପୀଠ ପରେ ଗଢିଅଛ ତୁମ୍ଭେ କୀର୍ତ୍ତିର ମନ୍ଦିର ।
ନାହିଁ ସେହିଠାରେ ଆରତି ଘଣ୍ଟା ନିତ ଷଡ ଉପଚାର,
ଦେଇନାହିଁ କେହି ସେହି ବେଦୀ ପରେ ନାନା ଫୁଲ ସମ୍ଭାର ।
ନାହିଁ ଧୂପ ଦୀପ ଅର୍ଘ୍ୟ ନୈବେଦ୍ୟ କିଛି ସେହି ବେଦୀ ପରେ,
କୋଟି ମନୁଷ୍ୟର ମଥା ନଇଁ ପଡ଼େ ତୁମରି ଚରଣ ତଳେ ।
ସେହି ତୁମ ପୂଜା ପୁଲକ ବନ୍ଦନ ତୁମ ସେହି ବେଦୀ ପରେ
କେତେ ନିତି ନିତ ପ୍ରଣତି ଜଣାଏ ଅଶ୍ରୁଳ ଅନ୍ତରେ ।
ତୁମରି ପରଶ ପାଇଣି ଧନ୍ୟ, ଶତ ମାନବର ପରାଣି,
ହେ ଅମୃତମୟ, ଦେଇଛ ମୁକତି ଆଲୋକର ସନ୍ଧାନ ।
ରୁଦ୍ଧ ବେଦନା ବେପଥୁ ସ୍ପନ୍ଦନ କେତେ ଅନୁରାଗ ଅଳି,
ଅହେ ମୃତ୍ୟୁଞ୍ଜୟ ଘେନା ହେଉ ମୋର ଅନ୍ତର ଶ୍ରଦ୍ଧାଞ୍ଜଳି ।

Digitized by PPRACHIN, SOA

ସ୍ମୃତିତର୍ପଣ

ଶ୍ରୀ ଚନ୍ଦ୍ରଶେଖର ମିଶ୍ର

ରାମକୃଷ୍ଣ ସେବାଶ୍ରମ, ସାଲେପୁର

"ହେ ନୀରବ ସାଧକ ! ଅଧଃପତିତ ଓଡ଼ିଆଜାତି ପାଇଁ ନୀରବରେ ନିଜକୁ ଦାନ କରି ଆପଣ ଉତ୍କଳର ସାହିତ୍ୟ ଓ ଜାତିକୁ ଉନ୍ନତ କରିଅଛ । ଆପଣଙ୍କ ମାତୃଭୂମି ଆପଣଙ୍କ ବିରହ ବେଦନାରେ ବିଦଗ୍ଧପ୍ରାଣା ହୋଇ ଆଜ ଅଶ୍ରୁ-ବିସର୍ଜନ କରୁଅଛି । ଆପଣଙ୍କ ସହକାର ଉତ୍କଳ ସାହିତ୍ୟକୁ ଯେତେ ସହଯୋଗୀ ସାହିତ୍ୟିକ ପ୍ରସ୍ତୁତ କରିଛି, ସେମାନେ ଆଜ ଆପଣଙ୍କ ବିୟୋଗରେ ଅଧୀର । ଆଜ ଉତ୍କଳର ଶିଶୁମହଲ ଆପଣଙ୍କ ଶିଶୁ ସାଥୀ ନେଇ ଖେଳୁଛି । 'ଜହ୍ନମାମୁଁ' ମେଘତଳେ ଲୁଚି ଯାଇଥିବାରୁ ପିଲାଏ ଜହ୍ନମାମୁଁଙ୍କୁ ଯେତେ ଖୋଜୁ ନଥିଲେ ଆଜ ବେଶୀ ଖୋଜୁଛନ୍ତି, ଉତ୍କଳର ଆବାଳ-ବୃଦ୍ଧ-ବନିତା ଆପଣଙ୍କୁ । ଆଜ ସାଲେପୁର ହାଇସ୍କୁଲର ପ୍ରତି ତରୁତୃଣ, ବିଦ୍ୟାଳୟର ପ୍ରତ୍ୟେକ ଇଷ୍ଟକଖଣ୍ଡ ବିୟୋଗର ମର୍ମବେଦନା ଅନୁଭବ କରୁଅଛି । ଗଭୀର ଦୁଃଖ ଅନୁଭବ କରୁଛନ୍ତି ଆପଣଙ୍କର ସହକର୍ମୀଗଣ । ବିଦ୍ୟାଳୟର ଆକାଶ ଏପର୍ଯ୍ୟନ୍ତ ଶୋକରେ ଘନଘଟାଚ୍ଛନ୍ନ । ହେ ସ୍ୱର୍ଗର ଦେବତା, ଆପଣ ଏଠାରେ ସଦେହରେ ଥିବାବେଳେ ଆମ୍ଭମାନଙ୍କୁ ଯେଉଁ ଆଶା ଆଶ୍ୱାସନା ଦେଇ ଜୀବନ ପଥରେ ନିତ୍ୟ ସହଚର ହୋଇଥିଲେ, ଆଜ ପରମଧାମରେ ରହି ଆମ୍ଭମାନଙ୍କୁ ତଥା ଉତ୍କଳବାସୀଙ୍କୁ ସେହି ପଥ ଦେଖାଉଥିବେ, ଏହାହିଁ ଆମ୍ଭମାନଙ୍କର ନିବେଦନ ।"

ଊନବିଂଶ ଶତାବ୍ଦୀ ଓଡ଼ିଆର ମୁକ୍ତିକଳ୍ପେ ଯେଉଁ ମହାପୁରୁଷମାନଙ୍କୁ ଜନ୍ମ ଦେଇଅଛି, ତହିଁମଧ୍ୟରୁ ସ୍ୱର୍ଗୀୟ ବାଳକୃଷ୍ଣ କର କନିଷ୍ଠ । ଏହି ସାଲେପୁର ଅଞ୍ଚଳ ଉତ୍କଳର ନବ ଜାତୀୟ-ପିତା କୁଳବୃଦ୍ଧ ମଧୁସୂଦନ, କର୍ମଯୋଗୀ ଗୌରୀଶଙ୍କର, ପରମପୁରୁଷ ପ୍ୟାରୀମୋହନ, ବାଗ୍ମୀବର ବିଶ୍ୱନାଥ ଓ ନୀରବ ସାଧକ ବାଳକୃଷ୍ଣଙ୍କୁ ଜନ୍ମଦେଇ ଉତ୍କଳର ଜାତି ଓ ଭାଷାକୁ ସମୁନ୍ନତ ଓ ସମୁଜ୍ଜ୍ୱଳ କରିଅଛି । ତହିଁମଧ୍ୟରୁ ଆପଣ କନିଷ୍ଠ । କନିଷ୍ଠ ହେଲେହେଁ ଉତ୍କଳର ଇଷ୍ଟ ସାଧନରେ ଆପଣ ହେଉଛନ୍ତି ବରିଷ୍ଠ । ଉତ୍କଳ ଭୂମିରେ ଦୂବ ରୂପେ ଜନ୍ମଗ୍ରହଣ କରି ଯେପରି ଦାରୁରୂପେ ଆତ୍ମପ୍ରକାଶ କଲ, ଉତ୍କଳ ଇତିହାସରେ ଏହା ବିରଳ । ହେ ସାଧକ, ଧନ୍ୟ ତୁମର ସାଧନା; ହେ ଶିକ୍ଷକ, ଧନ୍ୟ ତୁମର ଶିକ୍ଷା; ହେ ତପସ୍ୱୀ, ଧନ୍ୟ ତୁମରି ତପସ୍ୟା । ଆପଣଙ୍କର ସାଧନା, ଶିକ୍ଷା ଓ ତପସ୍ୟା ଆଜ ଉତ୍କଳର ଗଗନ ପବନକୁ ମୁଖରିତ କରୁଅଛି । ତଥାପି ଚତୁର୍ଦ୍ଦିଗକୁ ଦୃଷ୍ଟିପାତ କଲେ ଓଡ଼ିଆର ଜଡ଼ତା ଦେଖି ପ୍ରାଣ ନୈରାଶ୍ୟରେ ଆଚ୍ଛନ୍ନ ହୁଏ । ବିକଳ ପ୍ରାଣରେ ନିବେଦନ ଜଣାଉଛି, ଏ ଜଡ଼ତା ଅନ୍ଧକାର ଦୂର କରିବାପାଇଁ ଶତଶତ ରୂପଧାରଣ କରି ଅବତୀର୍ଣ୍ଣ ହୁଅ । ଆପଣଙ୍କ କାର୍ଯ୍ୟ ଶେଷ ହୋଇ ନାହିଁ । କେବଳ ଆପଣ ନୁହନ୍ତି, ଆପଣଙ୍କର ସହଯୋଗୀ ମଧୁସୂଦନ, ଗୋପବନ୍ଧୁ, ଗୋଦାବରୀଶଙ୍କୁ ପରମଧାମରେ ସାକ୍ଷାତ କରି ଏହି ନିବେଦନ ଉତ୍କଳବାସୀଙ୍କର ଜଣାଇବେ । ନୀରବରେ ଆକାଶରୁ ମୋତେ ଅଶରୀରି ବାଣୀ ଶୁଭୁଛି; ତାହା ଏହି—

Digitized by PPRACHIN, SOA

ହେ ଉତ୍କଳବାସୀ ଘେନ ମୋର ନିବେଦନ,
ମୃତ୍ୟୁ ସିନା ଜୀବନର ଅଟେ ଅନ୍ୟ ନାମ,
ସୁନ୍ଦର ଏ ଧରାତଳ ସୁନ୍ଦର ଜୀବନ,
ସୁଖ, ଦୁଃଖ, ଶୋକ, ଆଶା ଯେତେ କଳରବ,
ପରିପୂର୍ଣ୍ଣ ହୋଇଅଛି ଜୀବନର ଆଶା,
ସର୍ବେ ମିଳି ମରଣର କର ଜୟଗାନ,
ଜୀବନର ମାଧ୍ୟମରେ ଏ ସତ୍ୟ ସନ୍ଧାନ,
ଜୀବନ ମରଣ ମଧ୍ୟେ ନାହିଁ ବ୍ୟବଧାନ ॥
ମାୟାମୁଗ୍ଧ ଜୀବ ବୃଥା କାନ୍ଦେ ଅନୁକ୍ଷଣ ॥
ବିଚିତ୍ର ରଙ୍ଗିଲ ସଦା ଅଟେ ସତ୍ୟଧାମ ॥
ମୃତ୍ୟୁ ମଧ୍ୟେ ସର୍ବ ତାର ହୋଇଅଛି ଖର୍ବ ॥
ମରଣର ମଧ୍ୟେ ମୁହିଁ ପାଇଅଛି ଭାଷା ॥
ଜୀବନ ମରଣ ମଧ୍ୟେ ନାହିଁ ବ୍ୟବଧାନ ॥
ଘେନ ହେ ଉତ୍କଳବାସୀ କରେ ନିବେଦନ ॥

ଆମ ଜାତୀୟ ଜୀବନ ବିକାଶ ପଥରେ ଏକ ବଡ଼ ବିଘ୍ନ ପରିଦୃଷ୍ଟ ହୁଏ । ତା ହେଉଛି ମୂଲ୍ୟ ମୂଲ୍ୟାର ବ୍ୟତିକ୍ରମ । ଯେଉଁ ଜାତି ମୂଲ୍ୟ ମୂଲ୍ୟାର ବ୍ୟତିକ୍ରମ କରେ ସେ ଜାତିର ଇତିହାସ ନାହିଁ । ଯେ ଜାତିର ଇତିହାସ ନାହିଁ, ତାର ଭବିଷ୍ୟତ ନାହିଁ । ପୁରାଣପ୍ରସିଦ୍ଧ ଉତ୍କଳ ଭୂମିରେ ଯୁଗଯୁଗ ଧରି ମହାପୁରୁଷ, କବି, କୋବିଦମାନେ ଅସାଧାରଣ ପ୍ରତିଭା ଦେଖାଇ ଆବିର୍ଭୂତ ହୋଇ ତିରୋହିତ ହୋଇଛନ୍ତି । ମାତ୍ର ଘୋର ଦୁଃଖର କଥା, ଉତ୍କଳ ଇତିହାସ, ତଥା ସାହିତ୍ୟ ଏ ମହାପୁରୁଷ-ମାନଙ୍କ ଜୀବନାଦର୍ଶକୁ ଲିପିବଦ୍ଧ କରି ଭବିଷ୍ୟତ ଜାତିପାଇଁ ବାଟ ଦେଖାଇ ନାହାନ୍ତି । ଯଶୋବନ୍ତ, ଅଚ୍ୟୁତାଦି ପଞ୍ଚସଖା, ଉପେନ୍ଦ୍ର, ଦୀନକୃଷ୍ଣ, ଅଭିମନ୍ୟୁ ପ୍ରମୁଖ କବିମାନେ, ଖାରବେଳ, ପ୍ରତାପ, କପିଳେନ୍ଦ୍ର ଆଦି କର୍ମବୀରମାନେ ଜନ୍ମ ପରିଗ୍ରହ କରି ଏ ଦେଶକୁ ଧନ୍ୟ କରିଛନ୍ତି । ଊନବିଂଶ ଶତାବ୍ଦୀରେ ଆଧୁନିକ ସମାଜଗଠନରେ ମଧୁସୂଦନ, ଗୌରୀଶଙ୍କର, ରାଧାନାଥ, ପ୍ୟାରୀ-ମୋହନ, ଗୋପବନ୍ଧୁ, ଗୋଦାବରୀଶ, ପୂର୍ଣ୍ଣଚନ୍ଦ୍ର ସାମନ୍ତଶେଖର ପ୍ରମୁଖ ମନୀଷୀମାନେ ଏ ମୃତ-କଳ୍ପ ଜାତିକୁ ପୁନର୍ଜୀବିତ କରିଛନ୍ତି । ମୁଁ ପୂର୍ବରୁ କହିଛି, ବାଳକୃଷ୍ଣ ତହିଁ ମଧ୍ୟରୁ ଜଣେ । କିନ୍ତୁ ଏମାନଙ୍କର ଜୀବନାଦର୍ଶ ଓ କର୍ମ ସାଧନାର କାହାଣୀ ଉତ୍କଳ ଇତିହାସରେ ଯଥାର୍ଥ ସ୍ଥାନ ପାଇନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ମହାପୁରୁଷମାନଙ୍କର ପ୍ରତିଭା ଓ ମହନୀୟ ଚରିତ୍ରବତ୍ତା ଭାରତ କାହିଁକି ପୃଥିବୀ ଇତିହାସରେ ବିଶିଷ୍ଟ ସ୍ଥାନ ଅଧିକାର କରିଅଛି । ମାତ୍ର ଉତ୍କଳବାସୀ ସ୍ୱର୍ଗତ ମହାପୁରୁଷମାନଙ୍କର ଯଥାର୍ଥ ପରିଚୟ ପାଇ ସେମାନଙ୍କୁ ଉତ୍କଳ ସାହିତ୍ୟରେ ଯଥା ଗୌରବ ଦେଇଅଛି କି ? ପୁଣ୍ୟାତ୍ମା ଗୋପବନ୍ଧୁ, ମଧୁସୂଦନଙ୍କ ବିଶାଳ ଜୀବନ ଇତିହାସ ଉତ୍କଳ ସାହିତ୍ୟରେ କାହିଁ ? ଏଣୁ ଜାତି ଆଦର୍ଶହୀନ ହୋଇ ପତନୋନ୍ମୁଖ ହୋଇ ରହିଛି ।

ଆମ ପୂଜ୍ୟ ବାଳକୃଷ୍ଣ ପ୍ରାଣେ ପ୍ରାଣେ ଏ ଅଭାବ ଅନୁଭବ କରି ଅନ୍ତିମ କାଳରେ 'ମାତୃଭୂମି'ର ଦୈନିକ ସଂଖ୍ୟା ପ୍ରକାଶ କରି ଜାତିକୁ ନବୀନ ଉପନିଷଦ ଶିଖାଇଥିଲେ । ଯେଉଁ ଉପନିଷଦ ପଢ଼ିଲେ ଶାସନ, ଶୋଷଣ ଏପରିକି ଜୀବନର ଭୟ ରହେ ନାହିଁ । ମାତୃଭୂମିରେ ସେ ଏପରି ଅର୍ଥଶାସ୍ତ୍ର ଲେଖୁଥିଲେ ଯେଉଁ ଅର୍ଥନୀତି ଜାଣିଲେ ଧନ-ଲୋଲୁପ କବଳରୁ ରାଷ୍ଟ୍ରକୁ ସର୍ବଦା ଅଲଗା ରଖିବାର ଶିକ୍ଷା ମିଳେ; ଏପରି ସମାଜନୀତି ଲେଖୁଥିଲେ, ଯେଉଁ ନୀତି ପାଠକରି ଏ ଜାତି କୁସଂସ୍କାରର ବିରୁଦ୍ଧରେ ଅସି ଉତ୍ତୋଳନ କରିବାକୁ ସକ୍ଷମ ହୁଏ । ତାଙ୍କର ତିରୋଧାନରେ ଉତ୍କଳ ପ୍ରାଣରେ ନିର୍ଭୀକ ସତ୍ୟ ଓ ସାହସ ବାଣୀ ଶୁଣାଇବାକୁ ଯେ ସଂଖ୍ୟା କମିଗଲା, ଏହା କେହି ଅସ୍ୱୀକାର କରି ପାରିବେ ନାହିଁ ।

ବାଳକୃଷ୍ଣଙ୍କର ଜୀବନାଦର୍ଶ ଉତ୍କଳବାସୀଙ୍କୁ ଉଦ୍‌ବୁଦ୍ଧ କରୁ ଏହାହିଁ ବିଶ୍ୱନିୟନ୍ତାଙ୍କ ପଦରେ ପ୍ରଣତି ପୁରଃସର ନିବେଦନ ।

Digitized by PPRACHIN, SOA

ମାଟିର ଧରଣୀ ପରେ

ଶ୍ରୀ ସୁରେନ୍ଦ୍ର ମଲ୍ଲ
୧୦ମ ଶ୍ରେଣୀ (କ)

ଏଇ ମାଟିର ଧରଣୀ ପରେ
ମହାପ୍ରାନ ସେତ ଜୀବନ ଆଲୋକ
ଭରୁଥିଲା ଧୀରେ ଧୀରେ ।
ଦିଗନ୍ତବିସ୍ତାରୀ ଜ୍ୱଳନ୍ତ ପ୍ରତିଭା
ଘନ ଅନ୍ଧକାର ଛେଦି
ଲକ୍ଷ୍ୟହରା ସେଇ ଲକ୍ଷ ପଥିକର
ଚପଳ ମାନସ ଭେଦି
ଉଚ୍ଚାଦର୍ଶ ପଥ ଦେଖାଇ ସଧୀରେ
ନୀରବ ସାଧକ ପରି,
ଜାତି ମାନଦଣ୍ଡ ସ୍ଥାପି ହିମାଚଳେ
ବଜାଇ ଦୁର୍ଜୟ ଭେରୀ,
ଜୟଟୀକା ଦେଇ ଶିରେ
ଗଢୁଥିଲ ଶତ କୋଟି ନରନାରୀ
ଏଇ ମାଟିର ଧରଣୀ ପରେ ।

ଅପଦେବତାର ନିର୍ଦ୍ଦୟ ଡାକରା
ପାଇ ଯେବେ ଗଲ ଛାଡ଼ି
ଶୋକାତୁର ତୁମ ପ୍ରତିଭା ପୂଜାରୀ
କାନ୍ଦେ ମାଆ ଶୋକେ ଗଡ଼ି
ଜୀବନ ପ୍ରବାହ ଜନତା କଲ୍ୟାଣେ
ଉତ୍ସର୍ଗିତ ଯେବେ ହେଲା
ଧନ ମାନ ଶିକ୍ଷା ସାହିତ୍ୟ ଶୌର୍ଯ୍ୟ
ଭାଲେ ଜୟଟୀକା ଦେଲା
ଦେଶ ଶିଶୁ ମଥାପରେ
ଢାଳିଗଲ ତୁମେ ଶିଶୁ ସଙ୍ଗୀଙ୍କୁ
ଏଇ ମାଟିର ଧରଣୀ ପରେ ।

Digitized by PPRACHIN, SOA

ହେ ପୂଜ୍ୟ ଦେବତା ବାଳକୃଷ୍ଣ କର
ଗୃହେଁ ବ କ ଫେର ବାରେ
(ଏହି) ବିଦ୍ୟାପୀଠ ଡାକେ ସାଥିହୀନ ପରି
ଭାସେ ଶୋକ ପାରିବାରେ,
ହୃଦ ରତ୍ନହାର ପୂର୍ଣ୍ଣିମାର ଶଶୀ
ପ୍ରାୟ ଅଟେ ବୀର ସୁତ,
ଦୁଃଖ କ୍ଲେଶ କେତେ ସହି ହର୍ଷଭରେ
ସାଧିଲ ଏହାର ହିତ ।
ସ୍ନେହମୟ ଭ୍ରାତୃଡୋରେ
ବାନ୍ଧିରଖି ସଦା କୀରତ ରଖିଲ
ଏହି ମାଟିର ଧରଣୀ ପରେ ।

ଦୁର୍ନୀତି ଶୋଷଣ- ପୂର୍ଣ୍ଣ ଆବିଳତା
ବିରୁଦ୍ଧେ ଅଗୁଆ ହୋଇ,
ମାତୃଭୂମି ମୁଖେ ନୀତି ଶାସ୍ତ୍ର ଗାଇ
ଚେତାଇଲ ଦେଶ ଭାଇ,
ଏତେ ଗୁଣ ସତେ ଲହିଥିଲ ବହି
(ସେଇ) ପାତଳ ହୃଦୟଟିରେ,
ଜଣାଉ ନ ଥିଲ ବାସି ଉରିଫୁଲ
ମଉଳିବ ଏତେ ଶିରେ,
ଆଶୀର୍ବାଦ ଦିଅ ବାରେ
ଅମର ଭବନୁଁ ଯଶ ରଖୁ ଆମେ
ଏଇ ମାଟିର ଧରଣୀ ପରେ ।

ଶିକ୍ଷାପ୍ରେମୀ ବାଳକୃଷ୍ଣ

ଶ୍ରୀ ବାଉରିବନ୍ଧୁ ଦେବତା

(ଶିକ୍ଷକ)

ଊନବିଂଶ ଶତାବ୍ଦୀରେ ଏହି ସାଲେପୁର ଅଞ୍ଚଳରେ ଶିକ୍ଷାନୁରାଗୀ ପ୍ୟାରିମୋହନ, କର୍ମଯୋଗୀ ଗୌରୀଶଙ୍କର, ସାହିତ୍ୟସେବୀ ବିଶ୍ୱନାଥ ଓ କୁଳବୃଦ୍ଧ ମଧୁସୂଦନ ପ୍ରମୁଖ ଯେଉଁ ପଞ୍ଚସଖା ଜନ୍ମଗ୍ରହଣ କରି ସାହିତ୍ୟ ସମାଜ ତଥା ରାଜନୀତି କ୍ଷେତ୍ରରେ ଘୋର ପରିବର୍ତ୍ତନର ସୂତ୍ରପାତ କରିଥିଲେ, ସେମାନଙ୍କ ମଧ୍ୟରେ ବାଳକୃଷ୍ଣ କନିଷ୍ଠ ଥିଲେ । ଏମାନଙ୍କ ଜୀବନୀ ପର୍ଯ୍ୟାଲୋଚନା କଲେ ଜଣାଯାଏ, ପ୍ରାୟ ସମସ୍ତେ ସ୍ୱସ୍ୱ କର୍ମମୟ ଜୀବନର ପ୍ରାରମ୍ଭରେ ଶିକ୍ଷକତାହିଁ ବରଣ କରିଥିଲେ । ଶିକ୍ଷାଦାନର ପବିତ୍ରତା ହୃଦୟରେ ଉପଲବ୍ଧି କରି ଅର୍ଥୋପାର୍ଜ୍ଜନର ସମସ୍ତ ଆଶା ବର୍ଜନ ପୂର୍ବକ ଦେଶରୁ ଅଜ୍ଞାନାନ୍ଧକାର ଦୂର କରିବା ଅଭିପ୍ରାୟରେ ଆଗ୍ରହର ସହିତ ଉକ୍ତ କର୍ମକୁ ଜୀବନର ପ୍ରଧାନ ବ୍ରତ ବୋଲି ବାଛି ନେଲେ । ମା'ନ୍ତ ସରକାରୀ କଠକଣା ଏବଂ ବିଦ୍ୟାଳୟର ସଂକୀର୍ଣ୍ଣ ପରିସର ମଧ୍ୟରେ ନିଜ ଲକ୍ଷ୍ୟ ସାଧନର ଆଶା ନ ଦେଖି, ଦେଶ ତଥା ଜାତିର ସମୂହ କଲ୍ୟାଣ ଉଦ୍ଦେଶ୍ୟରେ ନିଜର ବ୍ୟାପକ ଶକ୍ତି ପ୍ରୟୋଗ କରିବାପାଇଁ ବୃହତ୍ତର କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । ସର୍ବକନିଷ୍ଠ କର୍ମୀ ବାଳକୃଷ୍ଣଙ୍କ ଜୀବନରେ ଏହାହିଁ ଘଟିଥିଲା ।

ବାଳକୃଷ୍ଣ ଦରିଦ୍ର ପରିବାରରେ ଜନ୍ମଗ୍ରହଣ କରି ସ୍ୱୀୟ ପ୍ରତିଭା ବଳରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ତତ୍‌କାଳୀନ ଉଚ୍ଚଡିଗ୍ରୀଧାରୀ ଯୁବକ ମାନଙ୍କ ପ୍ରତି ସରକାରୀ ଚାକିରି ଏକ ବଡ଼ ଆକର୍ଷଣ ଥିଲେ ସୁଦ୍ଧା, ଦେଶପ୍ରାଣ ବାଳକୃଷ୍ଣ ତତ୍‌ପ୍ରତି ଏକାବେଳକେ ବୀତସ୍ପୃହ ଥିଲେ । କାରଣ ସେ ଭାବିଥିଲେ, ସରକାରଙ୍କ ଗୋଲାମି ବରଣ କରି ଦେଶ ତଥା ଜାତିର ଉପକାରାର୍ଥେ ଆତ୍ମନିୟୋଗ କରି ପାରିବେ ନାହିଁ । ଏହି ଉଚ୍ଚାକାଙ୍‌କ୍ଷା ତାଙ୍କ ହୃଦୟରେ ସରକାରୀ କାର୍ଯ୍ୟ ପ୍ରତି ବିତୃଷ୍ଣା ଜନ୍ମାଇ ଥିଲା । ସେ ସମୟରେ ବି: ଏ: ପାଶ କରି ଶିକ୍ଷକତା କଲେ ୪୦।୫୦ରୁ ଅଧିକ ବେତନ ମିଳୁ ନଥିଲା । ତଥାପି ଦେଶ ଦୁଃଖରେ କାତର ବାଳକୃଷ୍ଣ ଦାରିଦ୍ର୍ୟରେ ଜୀବନର ଗୌରବ ଅନୁଭବ କରୁଥିଲେ । ତତ୍ପରେ ସେ କଟକ ଓ କେନ୍ଦ୍ରାପଡ଼ା ଉଚ୍ଚ ବିଦ୍ୟା-ଳୟରେ କାର୍ଯ୍ୟକରି ସୁଦକ୍ଷ ଶିକ୍ଷକରୂପେ ସୁନାମ ଅର୍ଜନ କରିଥିଲେ । କିନ୍ତୁ ସେହି ସଂକୀର୍ଣ୍ଣ ପରିସର ମଧ୍ୟରେ ତାଙ୍କ ବିରାଟ କଳ୍ପନାକୁ ଚରିତାର୍ଥ କରିବାର ଆଶା ନଦେଖି ସେ ସେହି ଶିକ୍ଷାକ୍ଷେତ୍ର ପରିତ୍ୟାଗ କଲେ ।

ବର୍ତ୍ତମାନ ଆମ୍ଭର ପୂଜ୍ୟ ବାଳକୃଷ୍ଣ ଜାତିର ସମୂହ କଲ୍ୟାଣ ମାନସରେ କର୍ମପନ୍ଥା ସ୍ଥିରକଲେ ଜାତୀୟ ସାହିତ୍ୟର ଅଭିବୃଦ୍ଧି । ଏଥିପାଇଁ ସେ ସାରସ୍ୱତ ପ୍ରେସ ନାମକ ମୁଦ୍ରାଳୟ ପ୍ରତିଷ୍ଠା କରି ସାହିତ୍ୟ ସାଧନା ଆରମ୍ଭ କରିଥିଲେ । ଏତଦ୍ୱାରା ଅର୍ଥୋପାର୍ଜ୍ଜନ କରି ବଡ଼ଲୋକ ହେବାର ଅଭି-ଳାଷ ତାଙ୍କୁ ଯେତେ ପ୍ରଭାବିତ କରିପାରି ନଥିଲା, ପ୍ରେସ ଜରିଆରେ ଜାତି ଓ ଜାତୀୟ ସାହିତ୍ୟର ଉନ୍ନତି କାମନା ତାଙ୍କ ଜୀବନ ଉପରେ ବିଶେଷ

Digitized by PPRACHIN, SOA

ପ୍ରଭାବ ପକାଇ ପାରିଥିଲା । ତେଣୁ ସେ ଦାସତ୍ୱ ଶୃଙ୍ଖଳରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ଶିଶୁ ସାହିତ୍ୟ, ନାଟକ ଓ ଉପନ୍ୟାସମାନ ଲେଖି ସୁଧୀବର୍ଗଙ୍କ ଦୃଷ୍ଟି ତତ୍ପ୍ରତି ଆକର୍ଷଣ କରିଥିଲେ । ତାଙ୍କ କୃତ ପୁସ୍ତକମାନଙ୍କ ମଧ୍ୟରେ 'ଜହ୍ନମାମୁଁ' 'ମଧୁକୋଷ' 'ଶିବଦାଶ ନାଟକ' ଓ 'ଆନନ୍ଦଲହରୀ ଉପନ୍ୟାସ ମାଳା' ପ୍ରଧାନ । ତତ୍ପରେ ସେ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କ କର୍ତ୍ତୃକ ପରିଚାଳିତ ସହକାର ମାସିକ ପତ୍ରିକା ହସ୍ତକୁ ନେଇ ତାକୁ ଗୋଟିଏ ଉଚ୍ଚକୋଟୀର ମାସିକ ପତ୍ରିକାରେ ପରିଣତ କରିଥିଲେ । ତାଙ୍କର ପ୍ରେରଣା ଓ ସାହଚର୍ଯ୍ୟ ଲାଭକରି ବହୁ ଯୁବକ କବି, ଭାବୁକ ଲେଖକ ଏବଂ ଔପନ୍ୟାସିକ ରୂପେ ଉତ୍କଳ-ଭାରତୀଙ୍କର ପଦସେବାରେ ସ୍ୱ ସ୍ୱ ଜୀବନକୁ ଉତ୍ସର୍ଗ କରିବାପାଇଁ ସମର୍ଥ ହୋଇଅଛନ୍ତି । ତତ୍ପରେ ସେ ଗୋଟିଏ ସାରସ୍ୱତ ଚକ୍ର ପ୍ରତିଷ୍ଠା କରି ଶତ ଶତ ସାହିତ୍ୟିକ ସୃଷ୍ଟିକରି ଯାଇଛନ୍ତି । ଅଧୁନା ସେମାନେ ତାଙ୍କର ଦାୟାଦରୂପେ ଉତ୍କଳ ଭାରତୀଙ୍କ କୋଠ ଭଣ୍ଡାର ବୃଦ୍ଧି କରିବାରେ ବ୍ରତୀ ହୋଇଅଛନ୍ତି । ଜୀବନର ଶେଷଦାଶା ପର୍ଯ୍ୟନ୍ତ ସେ ସାହିତ୍ୟ ସେବାରୁ କଦାପି ବିରତ ହୋଇ ନଥିଲେ । କେତେକ ଅପରିହାର୍ଯ୍ୟ ପରିସ୍ଥିତି ଯୋଗୁଁ ଶିଶୁ ଶଙ୍ଖାଳିର ପ୍ରକାଶ ସ୍ଥଗିତ ରହିଥିଲେ ସୁଦ୍ଧା, ମୃତ୍ୟୁର ସାମାନ୍ୟ କେତେକ ବର୍ଷ ପୂର୍ବରୁ ସେ ସେଗୁଡ଼ିକର ପ୍ରକାଶ ଆରମ୍ଭ କଲେ । କିନ୍ତୁ ଦୁଃଖର ବିଷୟ ସେ ସମସ୍ତ ଗ୍ରନ୍ଥର ପୂର୍ଣ୍ଣ ପ୍ରକାଶ ପୂର୍ବରୁ ସେହି ମହାଶୟଙ୍କର ତିରୋଧାନ ହୋଇଅଛି । ଆଶାକରେ ତାଙ୍କର ଦାୟାଦମାନେ ସେଗୁଡ଼ିକୁ ପ୍ରକାଶ କରି ତାଙ୍କର କୀର୍ତ୍ତି ଅକ୍ଷୟ ରଖିବା ପାଇଁ ଆପ୍ରାଣ ଚେଷ୍ଟା କରିବେ ।

ବିଦେଶୀ ସରକାରଙ୍କ ସହ ସଂଗ୍ରାମ ଚାଲିଥିବା ବେଳେ ସେ ତହିଁରେ ପ୍ରତ୍ୟକ୍ଷଭାବରେ ସହଯୋଗ କରି ନ ଥିଲେ । ତଥାପି ସେହି ଜାତୀୟ ସଂଗ୍ରାମ ପ୍ରତି ତାଙ୍କର ପରୋକ୍ଷ ସହଯୋଗ କମ୍ ନ ଥିଲା । ମାତ୍ର ଦେଶରେ ସ୍ୱରାଜ୍ୟ ପ୍ରତିଷ୍ଠିତ ହେଲା ଉତ୍ତାରେ ସେ ସାହିତ୍ୟ ସାହାଯ୍ୟରେ ରାଷ୍ଟ୍ରର କଲ୍ୟାଣ ସାଧନରେ ବ୍ରତୀ ହେଲେ । ସେ ପ୍ରକୃତ ରୂପେ ବୁଝିଥିଲେ ଯେ, ଗଣତନ୍ତ୍ର ରାଷ୍ଟ୍ରରେ ନିର୍ଭୀକ ସମ୍ବାଦପତ୍ରର ପ୍ରୟୋଜନୀୟତା ଅତ୍ୟଧିକ । ଏହି ଉଦ୍ଦେଶ୍ୟ ସମ୍ମୁଖରେ ରଖି ଉତ୍କଳପରି ଅର୍ଦ୍ଧଶିକ୍ଷିତ ଦେଶରେ ସେ ମାତୃଭୂମି ନାମକ ସମ୍ବାଦପତ୍ରିକା ପ୍ରକାଶ କରିବା ପାଇଁ ଏକ ଦୁଃସାହସିକ ଚେଷ୍ଟା ଆରମ୍ଭ କରିଦେଲେ । ତହିଁରେ ତାଙ୍କୁ ହଜାର ହଜାର ଟଙ୍କା କ୍ଷତି ସହିବାକୁ ତଥା ସରକାରଙ୍କ ବିଷାକ୍ତ ଦୃଷ୍ଟିରେ ପଡ଼ିବାକୁ ହୋଇଥିଲା । ମାତ୍ର ନିର୍ଭୀକ ବାଲକୃଷ୍ଣ ସେଥିପ୍ରତି ଭ୍ରୂକ୍ଷେପ ନ କରି ଦୈନିକ ମାତୃଭୂମି ଜରିୟାରେ ମାତୃସେବାରେ ଲାଗି ପଡ଼ିଲେ । ସମ୍ପାଦକଙ୍କ ମନ୍ତବ୍ୟ ଏପରି ଯୁକ୍ତିଯୁକ୍ତ ଓ ସୁଦୃଢ଼ଥିଲା ଯେ, ଶାସକଗୋଷ୍ଠୀ ନିଜକୁ ରକ୍ଷା କରିବା ମାନସରେ ତାଙ୍କ ବିରୁଦ୍ଧରେ ମାନହାନୀ ମୋକଦ୍ଦମା ରଚନା-କଲେ । ମାତ୍ର ସେ ସମସ୍ତ ବାଧାବିଘ୍ନ ଏଡ଼ି ଏବଂ ପ୍ରଭୂତ କ୍ଷତିଗ୍ରସ୍ତ ହୋଇ ସ୍ୱକର୍ତ୍ତବ୍ୟ ପଥରେ ଅଟଳ ଥିଲେ । କାରଣ ସେ ଭାବୁଥିଲେ ଦେଶରେ ନିରପେକ୍ଷ ସମ୍ବାଦପତ୍ରର ଅଭାବ ଅନୁଭୂତ ହେଲେ, ଦେଶ ଅଚିରେ ଶାସକଗୋଷ୍ଠୀଙ୍କ ଯଥେଚ୍ଛାଚାରର ଶାସନରେ ରସାତଳଗାମୀ ହେବ । ସେଥିଯୋଗୁଁ ସେ ଦେଶବାସୀଙ୍କ ପାଇଁ ଦାରିଦ୍ର୍ୟ ବରଣ କରିବାକୁ ପ୍ରସ୍ତୁତ ହୋଇଥିଲେ । ବସ୍ତୁତଃ ତାଙ୍କ ସଦୃଶ ନିର୍ଭୀକ ସାମ୍ବାଦିକ ଦେଶରେ ଅତି ବିରଳ ।

Digitized by PPRACHIN, SOA

ବାଳକୃଷ୍ଣ ଜଣେ ନୀରବ ସାଧକ, ଅଧ୍ୟବସାୟୀ ଓ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଥିଲେ । ତାଙ୍କର ମହାନ୍ ବ୍ୟକ୍ତିତ୍ୱ ନିକଟରେ ସମସ୍ତଙ୍କୁ ସ୍ୱତଃ ମସ୍ତକ ନୁଆଁଇବାକୁ ପଡ଼େ । ତାଙ୍କ ମନରେ ଦୃଢ଼ତା ଏପରି ଥିଲା ଯେ, ସେ ଯେଉଁ କାର୍ଯ୍ୟ କରିବା ପାଇଁ ସଂକଳ୍ପ କରୁଥିଲେ, ତାର ପୂର୍ଣ୍ଣାଙ୍ଗପ୍ରାପ୍ତି ପର୍ଯ୍ୟନ୍ତ ସର୍ବସ୍ୱ ତ୍ୟାଗ କରିବା ପାଇଁ ମନରେ ଦ୍ୱିଧା କରୁ ନ ଥିଲେ । ସେ ଉଚ୍ଚଶିକ୍ଷା ସାଙ୍ଗ କଲା ଉତ୍ତାରେ ଉଚ୍ଚାକାଙ୍କ୍ଷା ପ୍ରତି ଦୃଷ୍ଟି ନ ଦେଇ ଏହି ସାଲେପୁର ପଲ୍ଲୀ କେନ୍ଦ୍ରରେ ଗୋଟିଏ ଉଚ୍ଚ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାର ସଂକଳ୍ପ କରି କାର୍ଯ୍ୟ ଆରମ୍ଭ କଲେ । ମାତ୍ର ତତ୍କାଳୀନ ପରିସ୍ଥିତି ତାଙ୍କ ସଦିଚ୍ଛାର ପ୍ରତିକୂଳ ହେବାରୁ ସେ ତାଙ୍କ ଲକ୍ଷ୍ୟ ସ୍ଥିରରଖି କ୍ଷେତ୍ର ପରିବର୍ତ୍ତନ କଲେ । କିନ୍ତୁ ତାଙ୍କର ସେ ସଂକଳ୍ପ ମନ ମଧ୍ୟରୁ କଦାପି ଭାଜି ପଡ଼ି ନ ଥିଲା । ସନ ୧୯୬୩ ମସିହାରେ ଅର୍ଥାତ୍ କଟକରେ ପ୍ରେସ ପ୍ରତିଷ୍ଠା କରିବାର ଅତ୍ୟଳ୍ପ କାଳ ମଧ୍ୟରେ ପୁନଶ୍ଚ ସେହି ବାସନା ତାଙ୍କ ହୃଦୟ ମଧ୍ୟରେ ଦେଖାଦେଇଥିଲା । ଅଳ୍ପକାଳ ପରେ ସେ ସମୟରେ ବିଦ୍ୟାଳୟ ସ୍ଥାପନ କରିବା ସହଜସାଧ୍ୟ ନ ଥିଲା । ବିଦେଶୀ ସରକାର ସର୍ବଦା ଶିକ୍ଷପ୍ରସାର ନୀତିର ବିରୋଧାଚରଣ କରୁଥିଲେ । କିନ୍ତୁ ଦୃଢ଼ମନା ବାଳକୃଷ୍ଣ ସମସ୍ତ ବାଧାବିଘ୍ନ ଏଡ଼ି ଏହି ଅଞ୍ଚଳର ଶିକ୍ଷାନୁରାଗୀ ବନ୍ଧୁଙ୍କ ସାହାଯ୍ୟ ଓ ସହାନୁଭୂତି ଲାଭକରି ବିଶେଷତଃ ଅକ୍ଲାନ୍ତକର୍ମୀ ତତ୍କାଳୀନ ସବରେଜିଷ୍ଟ୍ରାର ଶ୍ରୀଯୁକ୍ତ ଜୟନାରାୟଣ ଦାଶଙ୍କ ଶ୍ରମ ସାଧନାକୁ ସମ୍ବଳକରି ଏହିଠାରେ ବିଦ୍ୟାଳୟର ପ୍ରାଣପ୍ରତିଷ୍ଠା କରିଥିଲେ ଏବଂ ସେହି ଦିନଠାରୁ ଜୀବନର ଶେଷକାଳ ପର୍ଯ୍ୟନ୍ତ ଏ ଅନୁଷ୍ଠାନର କର୍ଣ୍ଣଧାର ରୂପେ ନାନା ଭାବରେ ପୃଷ୍ଠପୋଷକ ହୋଇ ରହିଥିଲେ । ଯେତେଦିନ ପର୍ଯ୍ୟନ୍ତ ଏହି ଅନୁଷ୍ଠାନ ଜୀବିତ ଥିବ, ସେତେଦିନ ପର୍ଯ୍ୟନ୍ତ ଏହା ତାଙ୍କ କୀର୍ତ୍ତିର ମୂକସାକ୍ଷୀ ରୂପେ ବିଦ୍ୟମାନ ରହିବ ଏବଂ ଭବିଷ୍ୟତ ବଂଶଧରଙ୍କୁ ପ୍ରେରଣା ଦେଉଥିବ ।

ବାସ୍ତବିକ୍ ଶିକ୍ଷାପ୍ରେମୀ ବାଳକୃଷ୍ଣଙ୍କ ରକ୍ତମାଂସ ସହି ସାଲେପୁର ବିଦ୍ୟାପୀଠର ପ୍ରତ୍ୟେକ ଇଷ୍ଟକଖଣ୍ଡ ଜଡ଼ିତ ହୋଇଅଛି । ସେ ସ୍ୱୀୟ କର୍ମଜଞ୍ଜାଳ ମଧ୍ୟରେ ବୁଡ଼ିରହି ସୁଦ୍ଧା ଏହି ଅନୁଷ୍ଠାନକୁ କଦାପି ମନମଧ୍ୟରୁ ପୋଛିଦେଇ ପାରୁ ନ ଥିଲେ । ସମୟ ସମୟରେ ଶାରୀରିକ ଅସୁସ୍ଥତାବଶତଃ ବିଦ୍ୟାଳୟର ହାଲଚାଲ ଜାଣି ନ ପାରିଲେ ସେ ଏକାବେଳକେ ଅଧୀର ହୋଇ ପଡୁଥିଲେ । ତାଙ୍କର ମହାନ୍ ବ୍ୟକ୍ତିତ୍ୱ ଶିକ୍ଷକ ତଥା ଛାତ୍ରମାନଙ୍କ ଉପରେ ଘୋର ପ୍ରଭାବ ପକାଉଥିଲା । ବିଦ୍ୟାଳୟର ଗୃହନିର୍ମାଣଠାରୁ ଆରମ୍ଭକରି ଛାତ୍ରମାନଙ୍କ ପାଠପଢ଼ା ପର୍ଯ୍ୟନ୍ତ ସମସ୍ତ ବିଷୟ ତନ୍ନ ତନ୍ନ କରି ବୁଝି ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଲାଗି ପଡ଼ିଥିଲେ । ଏହି ବିଦ୍ୟାଳୟର ଖବର ଜାଣିବାପାଇଁ ସେ ସର୍ବଦା ଏତେ ଉଦ୍‌ଗ୍ରୀବ ହେଉଥିଲେ ଯେ, ସାଲେପୁର ଅଞ୍ଚଳର କୌଣସି ବ୍ୟକ୍ତିଙ୍କୁ ଦେଖିଲାକ୍ଷଣି ନିଜର ସମସ୍ତ କାର୍ଯ୍ୟ ବନ୍ଦରଖି ବିଭିନ୍ନ ପ୍ରଶ୍ନ ପଚାରି ସମସ୍ତ ବୁଝି ନେଉଥିଲେ । ବିଦ୍ୟାଳୟର କୌଣସି ଦୁଃସମ୍ବାଦ କର୍ଣ୍ଣଗୋଚର ହେଲାକ୍ଷଣି ତାଙ୍କର ହୃଦୟ ଦୁଃଖରେ ବିଦୀର୍ଣ୍ଣ ହେଉଥିଲା । ବାସ୍ତବିକ୍ ସେ ଥିଲେ ଏହି ସ୍କୁଲର ପ୍ରାଣପ୍ରତିଷ୍ଠାତା । ତାଙ୍କ ସଦୃଶ ସୁଧୀ, ନିଃସ୍ୱାର୍ଥ ଓ ନିଷ୍ଠାପର କର୍ମୀଙ୍କୁ ହରାଇ ଏହି ଅନୁଷ୍ଠାନର ଯେଉଁ କ୍ଷତି ହୋଇଅଛି ତାହା କଦାପି ପୂରଣ ହେବ ନାହିଁ । ବିଦ୍ୟାଳୟର ପ୍ରତ୍ୟେକ କର୍ମକ୍ଷେତ୍ରରେ ତାଙ୍କର ଅଭାବହିଁ ଅନୁଭୂତ ହେବ । ସେ ରୋଗଶଯ୍ୟାରେ ପଡ଼ି ମଧ୍ୟ ଏହାକୁ କଲେଜରେ ପରିଣତ କରିବାର କଳ୍ପନା

Digitized by PPRACHIN, SOA

କରୁଥିଲେ । ଗତ ମେ ମାସରେ ତାଙ୍କର ତୈଳ ପ୍ରତିକୃତି ଉନ୍ମୋଚନ ଉପଲକ୍ଷରେ ଭାରତ ସେବକ ସମିତି ସଭ୍ୟ ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ମିଶ୍ରଙ୍କ ପୌରୋହିତ୍ୟରେ ଯେଉଁ ସଭା ଅନୁଷ୍ଠିତ ହୋଇଥିଲା, ତହିଁରେ ସେ କଲେଜ ପାଣ୍ଠିକୁ ଟ ୧୦୦୧୮ ଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏହି ସମୟରେ ତାଙ୍କର ଆକସ୍ମିକ ବିୟୋଗ ଏହି ଅନୁଷ୍ଠାନକୁ ଦୀନତର କରି ଦେଇଅଛି । ଏହି ପ୍ରାଣପ୍ରତିମ ପ୍ରିୟ ଅନୁଷ୍ଠାନ ପ୍ରତି ସ୍ୱର୍ଗରାଜ୍ୟରୁ ସେ ଆଶିଷ ପ୍ରଦାନ କରନ୍ତୁ ଏହାହିଁ ଆମ୍ଭର କାମନା ।

ଆମ୍ଭମାନଙ୍କର ନମସ୍ୟ ଓ ପୂଜ୍ୟ ବାଳକୃଷ୍ଣ କର୍ମମୟ ଜୀବନ ସମାପନ କରି ଗତ ଅଗଷ୍ଟ ତା ୫ ରିଖରେ ଇହଲୀଳା ସାଙ୍ଗ କରି ଅଛନ୍ତି । ସେ ନାହାନ୍ତି ସତ, ମାତ୍ର ସେ ଯେଉଁ ଆଦର୍ଶ ଆମ୍ଭମାନଙ୍କ ସମ୍ମୁଖରେ ରଖିଯାଇ ଅଛନ୍ତି ତାକୁ ଅନୁସରଣ କରିବା ଦ୍ୱାରାହିଁ ଅମ୍ଭେମାନେ ତାଙ୍କ ପ୍ରତି ଭକ୍ତି ଓ ଆନ୍ତରିକ ଶ୍ରଦ୍ଧା ଜ୍ଞାପନ କରି ପାରିବା ।

ଦୁଇଟି ଫୁଲ

ଶ୍ରୀ କେଶବ ସୁତାର
ରାମକୃଷ୍ଣ ଆଶ୍ରମ, ସାଲେପୁର

ତୁମେ ଯେବେ ପଚାରିଲ ବନ୍ଧୁ,
"ଏ ଧରାରେ ଫୁଲ ଜନ୍ମ କାହିଁ ?"
ଉତ୍ତରେ କହିବି, "ସାଥି, ନିଜେ ହସି—
ହସାଏ ସେ ଏ ସାରା ଦୁନିଆଁ ।
ତୁମେ ପୁଣି ପଚାରୁଛ,
"ହସେ କି ସେ ସବୁଦିନ ପାଇଁ,
ହସାଏ କି ଦୁନିଆଁକୁ ଅମଳିନ ହସଦାନେ
ବିଳୟ କି ନାହିଁ ?"
"ସୃଷ୍ଟିପଟରେ ଅଲୀକ ତ ସବୁ
ଅଲୀକତା ସ୍ରଷ୍ଟାଙ୍କର ଦାନ
ମାତ୍ର ସେଇ ଛୋଟିଆ ଜୀବନେ
କରମ ତା' ଅନନ୍ତ ମହାନ
ଫୁଲ ସେ ଯେ ଗଗନର ଇନ୍ଦୁ—
ଦୁନିଆଁକୁ ମଣେ ଆପଣାର, ଦୁନିଆଁର ବନ୍ଧୁ ।"
"ତୁମେ କି ଦେଖିନ ବନ୍ଧୁ
ଫୁଟିଥିଲେ ଏଠି ଦୁଇଫୁଲ
ତୁମପାଇଁ—ଆମପାଇଁ, କରିଗଲେ ଯାହା —
କିଏ କରିପାରେ ତାର ମୂଲ ?"
ସଉରଭେ ଏଇ ଭୂମି କରି ସୁରଭିତ
ଗଉରବେ ଏଇ ଭୂମି ଗଉରବାନ୍ୱିତ
ବିଇଭବେ ଭରିଦେଲେ ଥିଲା ଯା ଊଷର,
ଢାଳିଦେଇ ପୁଣ୍ୟ ଜ୍ଞାନ-ମନ୍ଦାକିନୀ ନୀର ।
ଅନୁଭବି ପାରୁଛ କି ସାଥି ?
ଦିଗେ ଦିଗେ କଣେ କଣେ ରହିଅଛି ବାସ
ସୁରଭିତ ବିଲବଣ ମାଟି ।
'ସହକାରେ' କରି ସାଥି 'ଜହ୍ନମାମୁଁ' ଡାକି
ଶିଶୁ ସଙ୍ଗେ ଖେଳି ରଙ୍ଗେ ପୁହାଇଲା ରାତି
ଫୁଟାଇ ବିମଳ ହାସ ତୁମ ଆମ ବୁକେ—
ଗଢିଗଲା ଜଣେ କୀର୍ତ୍ତି ତାଜ,
"ଆଉଜଣେ ?"
"କାଞ୍ଚନ ସହିତ ଆସି ମଣି ହେଲା ଯୋଗ ।"

Digitized by PPRACHIN, SOA

ପରାଧୀନ ନାଗପାଶେ ଛନ୍ଦ ରୁନ୍ଧ ହୋଇ
ତୋଳିଲ ମନ୍ଦର କାନ୍ଧେ କାନ୍ଧକୁ ମିଳାଇ
ପିଙ୍ଗିଦେଲ ଆତ୍ମ ସ୍ୱାର୍ଥ, ଆତ୍ମ ସୁଖ ଦୂରେ
ଦୂର ଗାଁ ଭୂଇଁକୁ ସେ ଅପଣାର କରେ
କି ଭାଷାରେ ଗାଇବ ହେ ସାଥି,
ଅଧମ ମୁଁ, ଅକ୍ଷମ ମୁଁ ତୋଳିବାକୁ କଣ୍ଠେ
ତାର ଯଶୋଗୀତ ।
ଝଡ଼ୁଛୁ ଶେଫାଳୀ, ଉଲେ ଲୋଟିଛୁ କେତକୀ
ବାସେ ବାସେ ଭରଦେଇ ବାଲ୍ୟବଣ ମାଟି
ତୁହେଁ ଅମରର ସାକ୍ଷୀ ।

ନିଭିଗଲା ସିନା ଦୀପ ନିଭିନି ଝଲକ
ସେ ଝଲକେ ବନ୍ଧୁ, ତୁମେ—ଆମେ ଝଲକିତ,
ମଉଳିଲା ସିନା ଫୁଲ ମଉଳିନି ଗନ୍ଧ,
ମରଣ ସେପାରେ ସିଏ—
ମରଣ କି ରୁନ୍ଧିପାରେ କରମର ଛନ୍ଦ ?
ଲଭିଛ ପରଶ କେବେ ? କରିଛ କି ଅଙ୍ଗ ନିରମଳ,
ସେ ପରଶ ସଦା ପୂତ, ସତତ ଭାସ୍ୱର
ସେ ପରଶ ଉଷ୍ମ,
ତାଳ ହେ ପ୍ରଣତ ବନ୍ଧୁ,
ସିଏ ଆମ **'କର୍ମୀ, ବାଳକୃଷ୍ଣ ।"**

ବିବିକ୍ତ ବିହାରୀ ବାଳକୃଷ୍ଣ

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

ସଭ୍ୟ—ଭାରତସେବକ ସମାଜ

ବାଳକୃଷ୍ଣ ବାବୁ ଚାଲି ଗଲେଣି । କିନ୍ତୁ ଥିଲାବେଳେ ସେ—ଆମେ ତାଙ୍କୁ କେତେ ପାଇଥିଲୁଁ ?

ସେ ଥିଲେ ବିବିକ୍ତ ବିହାରୀ, ତେଣୁ ତାଙ୍କୁ ପାଇବା ସହଜ ନୁହେଁ । ଏହି ସ୍ୱଭାବ ଯୋଗୁଁ ସେ ବେଶୀ ମିତ୍ରତା କରି ନାହାନ୍ତି । ତାଙ୍କୁ ଯେ ପାଖରେ ପାଇଛନ୍ତି, ସେ ମଧ୍ୟ ପାଇପାରି ନାହିଁ—ତାଙ୍କର ଉଦ୍ଦେଶ୍ୟ ସାଧନ କରିବାପାଇଁ ସେ ବିବିକ୍ତ ଭାବରେ ଥାଆନ୍ତି ।

ସେ କର୍ମଯୋଗୀ—ସଂ ସା ର ରେ ଯେତେ ବାଧାବିଘ୍ନ ସେସବୁ ସେ ଏଡାଇବା ପାଇଁ ଅନ୍ୟମାନଙ୍କ ସଙ୍ଗରେ ମିଶିବା ବା ହସଖେଳ କରିବା—ତା ସେ କରିପାରି ନାହାନ୍ତି ।

କିନ୍ତୁ ତା ନକରି ପାରିଛନ୍ତି ବୋଲି ଦୁଃଖ କଣ ? ସେ 'ଶିଶୁ-ସଙ୍ଖାଳି' ଦେଇ ଯାଇଛନ୍ତି ତାଙ୍କର ଚିନ୍ତା ପ୍ରସୂତ ଭାବନା ଯୋଗୁଁ । ସେ ତ ଦେଇ ଯାଇଛନ୍ତି ତାଙ୍କର ସାଧନା ଓ ଚିନ୍ତାର ଫଳ—ସାରସ୍ୱତ ପ୍ରେସ । ତା ପୂର୍ବରୁ ତ ସେ ଦେଇଥିଲେ ସାରସ୍ୱତ ଭଣ୍ଡାର ।

ଦୁଃଖରେ ବଢ଼ି ମଧ୍ୟ ସେ ତ କୋଠାଘର, ପ୍ରକାଣ୍ଡ କୋଠାଘର କରିଗଲେ—ମୋଟର ଗାଡ଼ି କରିଥିଲେ—'ଶେଷରେ ପୁଣି ଚିନ୍ତା କରି କରି ମାତୃଭୂମି ସେ ଦେଶବାସୀଙ୍କୁ ଦେଇଗଲେ—ସାଲେପୁର ହାଇସ୍କୁଲ ମଧ୍ୟ ତାଙ୍କ ଚିନ୍ତାର ଗୃହ ମଧ୍ୟରେ ଥିଲା—ସେଥିପାଇଁ ସେ ସେଥିରେ ମଧ୍ୟ ଲାଗିଥିଲେ ।

ବାଳକୃଷ୍ଣ ବାବୁଙ୍କୁ ଆଜି ମୁଁ Mystic ବା ବିବିକ୍ତ ବିହାରୀ ଭାବରେ ଦେଖୁଅଛୁ । ବିବିକ୍ତ ବିହାରୀଙ୍କ ଜୀବନ Individualistic ବା ଐକକୈନ୍ଦ୍ରିକ ହୁଏ । ବାଳକୃଷ୍ଣ ସେହିଆ

Digitized by PPRACHIN, SOA

ଥିଲେ । ସେଥିପାଇଁ ସେ ପୁରୁଷକାର ଉପରେହିଁ ବହୁ ଜୀବନ କଟାଇ ଯାଇଅଛନ୍ତି । ଅନ୍ୟଗୁରୁ ଉପରେ ସେ ନିର୍ଭର କରି ନାହାନ୍ତି—ସଖା ଉପରେ ମଧ୍ୟ ନୁହେଁ ।

ସେ ଗୋଟିଏ ପ୍ରକାର ଜୀବନ, ବାସ୍ତବିକ୍ ଦେଖିବାକୁ ଗଲେ ମଣିଷ ବାହାରର ନୁହେଁ—ସେ ଅନ୍ତରର । ତେଣୁ ବାଳକୃଷ୍ଣ ବାବୁ ଖର୍ବକାୟ ହେଲେ ମଧ୍ୟ—ବାମନ ଭଳିଥିଲେ ମଧ୍ୟ—ସେ ହୋଇଥିଲେ ବଳିଷ୍ଠାର ।

ତାଙ୍କ ପ୍ରଭାବ ଲୋକ ଚରିତ୍ର ଉପରେ ନପଡୁ—ତାଙ୍କ ପ୍ରଭାବ ସମଗ୍ର ସମାଜକୁ ଗଭୀର ଭାବରେ ଆଲୋଡ଼ନ କରିଥିଲା । ସେ ନିଜେ ଜଣେ ବିଶିଷ୍ଟ ଦାର୍ଶନିକ ବା ନେତା ନଥିଲେ । କିନ୍ତୁ ଶେଷରେ ପୁଣି ସେହି ଗୋଟିଏ କଥା କହିବି—ସେ ଥିଲେ ଏକାକୀ, ଏକକ, ବିବିକ୍ତ-ବିହାରୀ ବାଳକୃଷ୍ଣ । ସମାଜକୁ କିନ୍ତୁ ତାଙ୍କର ଦାନ ପ୍ରଚୁର ।

ବାଳକୃଷ୍ଣ ବାବୁଙ୍କ ସ୍ମୃତିରେ ଆଜି ଏତିକି ଲେଖିଲି—ସେ ଥିଲେ ମୋର ସଖା ।

ସତେ ବାଳକୃଷ୍ଣ

ଶ୍ରୀ ସୁରେଶଚନ୍ଦ୍ର ସ୍ୱାଇଁ

ଶିକ୍ଷକ, ମଧୁସାଗର ବିଦ୍ୟାପୀଠ, କେନ୍ଦ୍ରାପଡ଼ା

ସତେ ବାଳକୃଷ୍ଣ ବାଳକୃଷ୍ଣଙ୍କର
"ଶିଶୁର ସଙ୍ଗୀତ" 'ଫୁଲର ଗୁଞ୍ଜୁଡ଼ି'
ବାଳ ଗୋପାଳଙ୍କ ପ୍ରାଣେ ଦେଲ ଭାଷା
ବାଳ ଭଳି ହୃଷ୍ଟ, ଉଦାର, ସରଳ
ବାଳକୃଷ୍ଣ ନାମ ସାର୍ଥକ କରିଛ
ସୃଷ୍ଟି କରିଅଛ କବି ସୁଲେଖକ
ତୁମ ବଂଶୀ ସ୍ୱନ ଅନ୍ତରେ ଅନ୍ତରେ
ଛାଡ଼ି ଚାଲିଗଲ 'ସାରସ୍ୱତ ଧାମ'
ଥିଲ ସାହିତ୍ୟିକ, ବଳିଷ୍ଠ ଲେଖକ,
ଦକ୍ଷ ସମ୍ପାଦକ, ନିର୍ଭୀକ ଗ୍ରାହକ
"ମାତୃଭୂମି" ପାଇଁ ଦେଲ ଆତ୍ମବଳି
"ମାତୃଭୂମି" ବକ୍ଷେ ଅନ୍ତିମ ଶୟନ
ଘେନ ଅଶ୍ରୁ କୋଟି ବାଳ ଗୋପାଳଙ୍କ
ରହି ସ୍ୱର୍ଗଧାମେ ଚିରଶାନ୍ତ ତୁମେ ତାତ

ବାଲଜାତ କାଳେ ଭୁଲିବି ନାହିଁ,
ଅମର କୀରତି ବାଳଙ୍କ ପାଇଁ ।
ମୁଖେ ଫୁଟାଇଲ ସ୍ୱର୍ଗୀୟ ହସ,
ଅକପଟ ଥିଲ ହେ ବାଳ ଦାସ ।
ମାତୃଭୂମି ବଂଶୀ ମୋହନ ମନ୍ତ୍ରେ,
ଆଶା ଉଦ୍ଦୀପନା ତାଳ ନିଭୃତେ ।
ବାଜେ ବାଜୁଥିବ ବେସୁରି ସୁରେ,
ବାଳ ମୁକୁନ୍ଦଙ୍କ ଅମର ପୁରେ ।
ସଂଗଠକ, ଶ୍ରେଷ୍ଠ ଐତିହାସିକ,
ଶିଶୁ ସଂସାରର ମନୋରଞ୍ଜକ ।
"ମାତୃଭୂମି" ତୁମ୍ଭ ସରଗ ଧାମ,
ଘେନିଣ ସାର୍ଥକ କଲ ଜନମ ।
ହୃଦୟ ନିଗିଡ଼ା ଭକ୍ତି ପ୍ରଣାମ,
ଆଶୀର୍ବାଦ ସୁଧା ପରମ ।

Digitized by PPRACHIN, SOA

ବୀର ତୁମେ ଆଜି ସରଗ ପୁରେ

ଶ୍ରୀମାନ୍ ନବକିଶୋର ସାମଲ

(ଏକାଦଶ ଶ୍ରେଣୀ)

ନୁହେଁ ଏ କବିତା ନୁହେଁ ଏ କଳ୍ପନା ନୁହେଁରେ ନୁହେଁ,
ଲେଖିଲି ସମୟେ ଚକ୍ଷୁ ପୂରିଯାଏ ଗରମ ଲୁହେ ।
ନ ସ୍ଫୁରେ ଲେଖନୀ ଫୁଟେ ନାହିଁ ଭାଷା କଣ୍ଠରେ ମୋର,
ସେ ବିଷାଦ କଥା କିଏ ବା ଲେଖିବ ବିଷାଦ ଚିର ।
ସାହସୀ ରତନ ଜୟ ନାରାୟଣ ବିଜୟୀ ବୀର,
ସେ ବୀର ମହାତ୍ମା ତାଙ୍କ କର୍ମଯୋଗେ ଅମର ଚିର ।
ତାଙ୍କ ତିରୋଧାନ ବିଷାଦର ବାର୍ତ୍ତା ଆଣେ ଅନ୍ତରେ,
ବିଫଳତାକୁ ଯେ କରି ନାହିଁ ଭୟ ଜୀବନେ ଥରେ ।
ହେ ! ପୂଜ୍ୟ ଦେବତା ଗଲ କିମ୍ପା ଚାଲି ଏତିକିବେଳେ,
ଦେଶ ଖୋଜୁଥିଲା ତୁମପରି ବୀର ବିପଦ କାଳେ ।
ଦେଖିଛତ ତୁମେ ଲକ୍ଷ ତ୍ରି ଜନତା ଉତ୍କଳ ଦେଶେ,
ପଶୁସମ ତାର ଜୀବନ କାଟଇ ଦରିଦ୍ର ବେଶେ ।
ବନ୍ଧୁଗଣ ସହ ଚାଲିଗଲ ଅହେ ଛାଡ଼ି ଆମକୁ,
ବିପଦେ ଆପଦେ କେହି ନାହିଁ ଆମ ସାହା ହେବାକୁ ।
କେଣେ ତୁମେ ଗଲ ଅହା କେଉଁ ସ୍ଥାନେ କରିଲ ବାସ,
ଅନ୍ତରେ ମମ କ୍ଷଣଜନ୍ମା ଦିଅ କି ଗୁରୁପ୍ରାସ ।
ଚିର ଅମର ଚିର ଅଜର ମୃତ୍ୟୁ ତୁମର କାହିଁ,
ଲେଖିଲି ସମୟେ ଚକ୍ଷୁ କୋଣେ ଲୋତକ ଯାଏ ବହି ।
ଜନ୍ମିଥିଲ ବୀର କେଉଁ ଶୁଭକ୍ଷଣେ ଉତ୍କଳ ଦେଶେ,
ଦେଖିଗଲ କିନ୍ତୁ ଅନ୍ୟାୟ ରାଜତ୍ୱ ତାହାର ବକ୍ଷେ ।
କର ଆଶୀର୍ବାଦ ଅହେ ଗୁରୁଦେବ ଆନନ୍ଦ ମନେ,
ସସାଗରାଧରା ଏ ଉତ୍କଳ ଭୂମି ଶିଶୁ ସନ୍ତାନେ ।
ଅନ୍ତରର ଏକ ନିଭୃତ କୋଣରୁ ଢାଳେ ପ୍ରଣତି,
ହେ ସ୍ୱର୍ଗୀୟ ଦାସ ଅମରାତ୍ମା ତବ ପାଉ ମୁକତି ।
ଏ ଅନୁଷ୍ଠାନର ଛାତ୍ରଛାତ୍ରୀବୃନ୍ଦ ତବ ପାୟରେ,
କରନ୍ତୁ ପ୍ରଣାମ ଚାହେଁ ମୁଁ ଏତିକି ଏକ ଲୟରେ ।

Digitized by PPRACHIN, SOA

ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ

ଶ୍ରୀ ଚକ୍ରଧର ଦାଶ, ସାହିତ୍ୟାଚାର୍ଯ୍ୟ

(ହେଡ଼ପଣ୍ଡିତ)

ମନୋରଥ—ସୁଖ ଦୁଃଖ ମନର, ଯାହାକଣ୍ଡୁ ଇନ୍ଦ୍ରିୟ ଦ୍ୱାରରୁ ଭଲ ମନ୍ଦ, ମାନ ଅପମାନ, ଲାଭ ଅଲାଭ ପ୍ରଭୃତି ଆସେ । ତାହା ସାଇଁ ମନ ପାଖରେ ପହଞ୍ଚେ । ଏଣୁ ଏ ସଂସାର ପ୍ରତି ମନ ହିଁ ମୂଳ । ଏଥିପାଇଁ ଭାଗବତରେ କୁହା ଯାଇଅଛି—

"ମନର ମୂଳେ ଏ ଜଗତ,
ତହୁଁ ହୁଅଇ ଆତଯାତ" ।

ଏହି ମନରୂପକ ବୀଜରୁହିଁ ସଂସାର-ବୃକ୍ଷ ଅଙ୍କୁରିତ ହୋଇ କ୍ରମେ ବୃଦ୍ଧିଲାଭ କରେ । ଏହି ମନରେ ଯାହାକୁ ଯେପରି ଭାବିବ, ସେ ସେହିପରି ହେବ । ଶତ୍ରୁ ଭାବିଲେ ଶତ୍ରୁ, ମିତ୍ର ଭାବିଲେ ମିତ୍ର—ଯେପରି ତୁମ୍ଭେ ପ୍ରଥମେ କାହାକୁ ପଦେ କହିଲେ ସେ ତୁମ୍ଭଙ୍କୁ ପଦେ କହିବ; ତୁମ୍ଭେ ଯାହାକୁ କିଛି ନ କହିବ, ସେ ତୁମ୍ଭଙ୍କୁ କିଛି କହିବ ନାହିଁ ।

ଏଥିରୁ ବୁଝାଯାଏ, ଏ ସଂସାର ଆଘାତ ପ୍ରତିଘାତମୂଳକ । ତୁମ୍ଭେ ଯାହାକୁ ମାରିବ, ସେ ତୁମ୍ଭଙ୍କୁ ମାରିବ । ତୁମ୍ଭେ ଯାହାକୁ ଅପମାନ ଦେବ, ସେ ତୁମ୍ଭଙ୍କୁ ଅପମାନ ଦେବ । ଯାହାକୁ ସ୍ନେହ କରିବ ସେ ତୁମ୍ଭଙ୍କୁ ସ୍ନେହ କରିବ । ଯାହାର ଅନିଷ୍ଟ କରିବ, ସେ ଅନିଷ୍ଟ କରିବ । ଏହାସବୁ ସବଳ ପକ୍ଷରେ କାର୍ଯ୍ୟରେ; କିନ୍ତୁ ଦୁର୍ବଳ ପକ୍ଷରେ କେଉଁଠି କାର୍ଯ୍ୟରେ କେଉଁଠିବା ମନରେ ହୋଇଥାଏ ।

ଯେପରି ଦେଖ, ତୁମ୍ଭେ ଜଣକୁ ହାତରେ ମାରିଲ । ଯାହାକୁ ମାରିଲ, ତାକୁ କାଟେ । ତୁମ୍ଭ ହାତକୁ ମଧ୍ୟ କାଟେ । ଭାବିପାରି, ତାକୁ ବେଶୀ, ତୁମକୁ କମ । ତା' ନୁହେଁ, ପ୍ରାୟ ସମାନ ! କାରଣ ଯାହାକୁ ଯେପରି ଜୋରରେ ମାରିବ, ତୁମ୍ଭ ହାତରେ ତାହାର ପ୍ରତିଘାତ ସେହି ଜୋରରେ ଆସିବ ।

ଏଣୁ ତୁମ୍ଭ ଜୋରର ଅନୁପାତରେ ତାକୁ କାଟିବ, ତୁମ୍ଭ ହାତକୁ ମଧ୍ୟ କାଟିବ । ନ କାଟିବ ବୋଲି ନୁହେଁ, ତେବେ ତାକୁ ବେଶୀ, ତୁମ୍ଭଙ୍କୁ କମ ଜଣାଯାଏ । ଏହାର କାରଣ, ତୁମ୍ଭେ ତାକୁ ତାର କାଟିବା ସ୍ଥାନ ଦେଖି ମାର । ସେ ମାଡ଼ ଖାଇବ ଏବଂ ତାକୁ କଷ୍ଟ ହେବ—ଏହି ଭୟରେ ସେ ତାର ମନକୁ ତଦାକାରରେ ଭୟ ବିହ୍ୱଳ କରିଥାଏ । କିନ୍ତୁ ଯେ ମାରିବ ତାହାର ମନ ସେ ଭାବରେ ନଥାଇ ତାହାର ବିପରୀତ ଭାବରେ ଥାଏ । ଏଣୁ ମାରିବ ଲୋକକୁ କମ ଜଣାଯାଏ ।

ଏହାପରେ ଆଉଗୋଟିଏ ଉଦାହରଣ ଦେଖ - ତୁମ୍ଭେ ଯେ କୋଡ଼, କୋଦାଳ, କୁରାଡ଼ି ପ୍ରଭୃତିରେ କାମ କର ଏଥିରେ କଣ ତୁମ୍ଭଙ୍କୁ ପରିଶ୍ରମଜନିତ କଷ୍ଟ ହୁଏ ନାହିଁ, ? ହୁଏ, କାହିଁକି ହୁଏ ? ଏହାର କାରଣ,ସେହି ଆଘାତ ପ୍ରତିଘାତ-ମୂଳକ । ତୁମ୍ଭେ ମାଟି ହାଣ ବା କାଠ ହାଣ, ଏଥିରେ ତୁମ୍ଭେ ତାକୁ ଅର୍ଥାତ୍ ମାଟି ବା କାଠକୁ ଯେପରି ଭାବରେ କୋଦାଳ 'କୁରାଢ଼ିରେ ଆଘାତ କରିବ, ତାହାର ପ୍ରତିଘାତ ଯୋଗୁଁ ତୁମ୍ଭର ସେହିପରି ଭାବରେ,କଷ୍ଟ ହେବ ।ଏଣୁ ତୁମ୍ଭେ କିଛି ସମୟ ତହିଁରେ କାର୍ଯ୍ୟକରି କ୍ଳାନ୍ତ ହୋଇ ବିଶ୍ରାମ ନିଅ ।

ଏଥିରେ ଯଦି ମନ ନ ମାନେ, ତେବେ ଆଉ ଗୋଟିଏ ଉଦାହରଣ ଦେଖ—ଯହିଁରେକି ଆଉ ମନା କରିପାରିବ ନାହିଁ । ଯାହାକି ମୁଣ୍ଡାମୁଣ୍ଡି, ଅର୍ଥାତ୍ ଯଦି କେହି ତୁମ୍ଭ ମୁଣ୍ଡକୁ ତା ମୁଣ୍ଡରେ

Digitized by PPRACHIN, SOA

ଆଘାତ କରେ ତେବେ ସେ କ୍ଷେତ୍ରରେ ଉଭୟଙ୍କର ସମାନ କଷ୍ଟ ହେବ । ଯେ କ୍ଷେତ୍ରରେ ବୈଷମ୍ୟ ଦେଖାଯାଏ, ସେ କ୍ଷେତ୍ରରେ ତାହାର ବଳବେଶୀ ଓ ତା ମୁଣ୍ଡଟା ଟାଣ, ଯେପରି ମେଣ୍ଢା ଲଢ଼େଇ ।

ଏହି ସବୁ ଯେପରି, ସେହିପରି ଶାରୀରିକ ମାନସିକ ମଧ୍ୟ । ଯାହାକୁ ଯେପରି ମନରେ ଭଲପାଅ, ତୁମ୍ଭର ଭଲ ପାଇବା ରୂପକ ଆଘାତ ତାହାର ମନରେ ସେହିପରି ଲାଗେ ଏବଂ ତାହାର ମନରୁ ଭଲ ପାଇବା ରୂପକ ପ୍ରତିଘାତ ତୁମ୍ଭ ମନକୁ ସେହିପରି ସ୍ପର୍ଶକରେ । ସେହିପରି, ତୁମ୍ଭେ ଯାହାକୁ ଖରାପ ଭାବ ତାହାର ପ୍ରତିଘାତ-ମୂଳକ ଖରାପଭାବ ତୁମ୍ଭମାନଙ୍କୁ ସେହିପରି ଖରାପ କରେ ।

ପୁନଶ୍ଚ ଯେଉଁ କ୍ଷେତ୍ରରେ ତୁମ୍ଭେ ସବଳ ହୋଇ ଯହିଁରେ ତାକୁ ମାରିଲ,ସେ ତୁମ୍ଭ ପାଖରେ ଦୁର୍ବଳ ଥିବାରୁ ତୁମ୍ଭଙ୍କୁ ତହିଁରେ ନମାରି ପାରି ତାହାର ସେହି ଦୁର୍ବଳ ମନରେ ତୁମ୍ଭକୁ ସେହି ମୁହୂର୍ତ୍ତରେ ମାରିବା ପାଇଁ ଉଦ୍ୟତ ହେଲା ଅର୍ଥାତ୍ ମନ ମଧ୍ୟରେ ଗାଳି ବା ଅଭିଶାପ ଦେଲା । ନ ଦେଲା ବୋଲି ନୁହେଁ । ସେହି ଗାଳି ବା ଅଭିଶାପ ତୁମ୍ଭ ମନକୁ ସେହି ମୁହୂର୍ତ୍ତରେ ସ୍ପର୍ଶକଲା । ବେଶୀ କଷ୍ଟ ଦେଲେ ବେଶୀ ଅଳ୍ପ କଷ୍ଟ ଦେଲେ ଅଳ୍ପ ପାଇ ଥାଅ, ନ ପାଇଲ ବୋଲି ନୁହେଁ ।

ଯେତେବେଳେ ତୁମ୍ଭେ ଏହା ପାଇଲ, ସେତେବେଳେ ତୁମ୍ଭଙ୍କୁ ହିଁ ତାହାର ଫଳ ଶୀଘ୍ର-ହେଉ ବା ଡେରିରେ ହେଉ ଭୋଗିବାକୁ ପଡ଼ିବ, ଏହା ସତ୍ୟ । ଯେହେତୁ, ସେ ତୁମ୍ଭର ଉଦ୍ଦେଶ୍ୟ-ରେହିଁ ତାହା ଦେଇଅଛି । ଏହାକୁ କାଟି ଉଡ଼ାଇ ଦେବାର ଉପାୟ ନାହିଁ । ଏଣୁ କାହାର ମନରେ କୌଣସି ପ୍ରକାରେ ବିନାକାରଣରେ କଷ୍ଟ ଦିଅ ନାହିଁ । ତାକୁ କଷ୍ଟଦେବା ଅର୍ଥ ତୁମ୍ଭେ ନିଜେ ନିଜକୁହିଁ ଜାଣି ଶୁଣି କଷ୍ଟଦେଲ ।

ଏହିପରି ଭାବରେ ପିତୃଲୋକ ଉଦ୍ଦେଶ୍ୟରେ-ହେଉ ବା ଦେବତାଙ୍କ ଉଦ୍ଦେଶ୍ୟରେ ହେଉ ଯେପରି ମନର ଭାବରେ ସମର୍ପଣ କରିଥାଅ, ତାହା ସେହି ପିତୃ ବା ଦେବତା ସେହିପରି ଭାବରେ ଗ୍ରହଣ କରିଥାନ୍ତି ।

ତୁମ୍ଭେ ଏଠାରେ କହିପାର, ପିତୃ ବା ଦେବତା କାହାନ୍ତି ? ଏହାର ଉତ୍ତରରେ ମୁଁ ଏତିକି କହେ କି, ସେ ଯଦି ନାହାନ୍ତି, ଏହା ତୁମ୍ଭେ ନିଶ୍ଚିତ ରୂପେ ଜାଣ, ତେବେ ତୁମ୍ଭେ ଦେଲ କାହିଁକି ? ଯଦି ଦେଲ, ତେବେ ଅଛି ବୋଲିତ ଦେଲ ? ଯଦି ଅଛି ବୋଲି ଜାଣିକରି ଦେଲ, ତେବେ ସେ ନିଶ୍ଚୟ ଅଛନ୍ତି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ତା ନ ହେଲେ ତୁମ୍ଭର ମନ ତହିଁରେ ବଳନ୍ତା ନାହିଁ । ତୁମ୍ଭେ ସିନା ନ ଜାଣ କିନ୍ତୁ ତୁମ୍ଭର ମନ ସେ ଅଛନ୍ତି ବୋଲି ଜାଣେ— ଯାହାର ପ୍ରେରଣାରେ ତୁମ୍ଭେ ଦେଲ, ଦେଉଛ ଏବଂ ଦେବ ।

ପୁନଶ୍ଚ ଦେଖ, ଏହି ଈଶ୍ବରଙ୍କ ରାଜ୍ୟରେ କିଛି ନାହିଁ ବୋଲି ନୁହେଁ । ସବୁ ଏଠିଅଛି, ଯାହାସବୁ ତୁମ୍ଭେ ଦେଖିଅଛ, ଦେଖୁଅଛ ବା ଦେଖିବ, ସେସବୁ ଅଛି ବୋଲିତ ତୁମ୍ଭେ ଦେଖିଥିଲ, ଦେଖୁଅଛ ଏବଂ ଦେଖିବ । ନ ଥିଲା ବସ୍ତୁର କି ଉଦ୍ଭବ କେଉଁଠାରୁ ହୁଏ ? ତାହା ନୁହେଁ ।

ପୁନଶ୍ଚ ଯାହା ଯେପରି ଭାବରେ ଯାହାକୁ ଦେଉଅଛ, ସେହି ଦତ୍ତ ଜିନଷ ଅଛି, ସେ ବି କୁଆଡ଼େ ତାକୁ ନ ପାଇବା ପର୍ଯ୍ୟନ୍ତ ଯାଏ ନାହିଁ ।

ତେବେ କେତେବେଳେ ଏହା ସବୁ ହୁଏ ? ପୂର୍ବରେ କହିଛି, ଯେତେବେଳେ ଯାହା ଆଘାତ ରୂପରେ ଯାହା ଉଦ୍ଦେଶ୍ୟରେ ମନରେ ହେଉ ବା କାର୍ଯ୍ୟରେ ହେଉ, କରାଯାଏ ଏହା ସେହି ମୁହୂର୍ତ୍ତରେ ସେ ପାଏ । ଯେହେତୁ, ଯେତେବେଳେ

Digitized by PPRACHIN, SOA

ଯେଉଁଠି ଅଘାତ ସେତକବେଳେ ହିଁ ସେହିଠାରୁ ତାହାର ପ୍ରତଘାତ ଆଘାତକାରୀ ପାଖକୁ ଆସେ, ଏଣୁ ସମୟର ଡେରି ନାହିଁ ।

କହି ପାରନ୍ତି—ଏହାତ ସବୁ କ୍ଷେତ୍ରରେ ଦେଖାଯାଏ ନାହିଁ । ଯେପରି ଅନ୍ୟାୟକାରୀକୁ ଅଭିଶାପ । ଏହି ଅଭିଶାପର ଫଳ କଣ ସଙ୍ଗେ ସଙ୍ଗେ ହୁଏ, ତାହାତ ନୁହେଁ ? ଏହାର ଉତ୍ତରରେ ଏତିକି କହେ କି ଅଘାତ କଲେ ହିଁ ସାଙ୍ଗେ ସାଙ୍ଗେ ପ୍ରତଘାତ ହୁଏ । ତେବେ ଏହାର ଅର୍ଥାତ୍ ଅନ୍ୟାୟକାରୀ ପ୍ରତି ଅଭିଶାପ ରୂପକ ପ୍ରତଘାତ ସାଙ୍ଗେ ସାଙ୍ଗେ ହୋଇଥାଏ । କେଉଁଠି ଏହାର ଫଳ ସାଙ୍ଗେ ସାଙ୍ଗେ କେଉଁଠି ବା ଡେରିରେ ହୁଏ ।

ଏହାର କାରଣ, କର୍ମ ସିନା ଆମ ହାତରେ, କର୍ମର ଫଳତ ଆମ ହାତରେ ନାହିଁ । ତାହା ଦୈବ ହାତରେ । ଯାହାକି—"କର୍ମଣ୍ୟେ ବାଧିକା-ରସ୍ତେ ମା ଫଳେଷୁ କଦାଚନ ।" ଏହି ଦୈବ ସେହି କୃତକର୍ମକୁ "ସଞ୍ଚିତ-ପ୍ରାରବ୍ଧ" ପ୍ରଭୃତି ନାନା ଭାଗରେ ବିଭକ୍ତ କରି ରଖେ ।

ଏହିପରି ରଖିବାର କାରଣ, କୃତକର୍ମମାନଙ୍କ ମଧ୍ୟରୁ ଯେଉଁଟି ଯେତେବେଳେ ଫଳ ପ୍ରସବୋନ୍ମୁଖୀ ହେବ, ସେତିକିବେଳେ ସେ ତୁମ୍ଭଙ୍କୁ ତାହା ଦେବ—ଅର୍ଥାତ୍ ତୁମ୍ଭେ ତାହାର ଫଳ ଭୋଗ କରିବ ।

ଯେପରି ମାଟିରେ ପୁରାତନ ଓ ବର୍ତ୍ତମାନ ଅନେକ ମଞ୍ଜି ପଡ଼ିଅଛି । ସମାନ ସୁଯୋଗ ପାଇଲେ ମଧ୍ୟ ଋତୁ ଅନୁସାରେ ପୁରାତନ ପଡ଼ିଥାଏ, ବର୍ତ୍ତମାନ ଗଛ ହୋଇଯାଏ । କେତେବେଳେ ବା ବର୍ତ୍ତମାନ ପଡ଼ିଥାଏ ପୁରାତନ ଗଛ ହୋଇଯାଏ । ଏହି କର୍ମ ତାହାର ଫଳ ବିଷୟରେ ଏହିପରି ହୁଏ ।

ଆମ୍ଭେ ଋତୁ ଅନୁଯାୟୀ ଯେଉଁ ମଞ୍ଜିସବୁ ସଂଗ୍ରହ କରି ରଖୁ ତାହା କଣ ସାଙ୍ଗେ ସାଙ୍ଗେ ବୁଣୁ ? ତାହାତ ନୁହେଁ । ଏହି ସଂଗୃହୀତ ମଞ୍ଜିକୁ ଯତ୍ନରେ ସାଇତି ରଖି ଯଥା ସମୟରେ ଯଥା କ୍ଷେତ୍ରରେ ବୁଣିଥାଉ । ଏହି ବୁଣିବା ପୂର୍ବରୁ ତାହା ସବୁ ସଂଗୃହୀତ ହୋଇଥାଏ । ସେହିପରି ଆମ୍ଭେ କୌଣସି ବିଷୟରେ ଅଘାତ ପାଇ ତାହାର ପ୍ରତଘାତ ରୂପରେ ଯେତେବେଳେ ଯାହା ଦେଉଁ ସେତେବେଳେ ତାହା ଅଘାତକାରୀ ପାଖକୁ ଯାଇ ତାହା ପାଖରେ ସଞ୍ଚିତ ହୋଇ ରହେ । ପରେ ସେ ତାହାର ସମୟାନୁଯାୟୀ ପ୍ରସବୋନ୍ମୁଖୀ ହେଲେ ସେତେବେଳେ ଯାଇ ଆମକୁ ତାହା ଭୋଗ କରିବାକୁ ହୁଏ ।

ଏହି ଭୋଗ କାଳମଧ୍ୟ ବିଭିନ୍ନ ଭାଗରେ ବିଭକ୍ତ ହୋଇଅଛି । ପାପ ପୁଣ୍ୟ ଅତ୍ୟୁତ୍କଟ ହେଲେ ସାଙ୍ଗେ ସାଙ୍ଗେ ଅର୍ଥାତ୍ ଅଳ୍ପଦିନ ମଧ୍ୟରେ ଭୋଗ କରିଯାଇ ପାରେ । ଯାହାକି "ତ୍ରିଭିର୍ବର୍ଷୈସ୍ତ୍ରିଭିର୍ମାସୈସ୍ତ୍ରିଭିଃ ପକ୍ଷୈସ୍ତ୍ରିଭି-ର୍ଦିନୈଃ, ଅତ୍ୟୁତ୍କଟୈଃ ପାପପୁଣ୍ୟୈ ରିହୈବ ଫଳମଶ୍ନୁତେ ।"

ଅର୍ଥାତ୍ ପାପପୁଣ୍ୟ ବେଶୀ ହୋଇ ପଡ଼ିଲେ ତିନିବର୍ଷ, ତିନିମାସ, ତିନିପକ୍ଷ ବା ତିନିଦିନ ମଧ୍ୟରେ ଭୋଗ କରିବାକୁ ପଡ଼େ । ନୋହିଲେ ଡେରିରେ ହୁଏ ।

ଏଥିପାଇଁ ଆମେ ସିନା ଅନେକ କ୍ଷେତ୍ରରେ ତରବର ହୋଇଥାଉଁ । ସୃଷ୍ଟିର ନିୟନ୍ତା କିନ୍ତୁ ସେପରି ନୁହଁନ୍ତି । ଏଣୁ କର୍ମଫଳ ଭୋଗିବାକୁ ଆମକୁ ଜନ୍ମଜନ୍ମାନ୍ତର ଅପେକ୍ଷା କରିବାକୁ ହୋଇଥାଏ ।

କୃତକର୍ମ ଯେପରି ଭାବରେ ହେଉ, ଅନେକ ସମୟ ବା ଅଳ୍ପ ସମୟ ଲଘୁ କଷ୍ଟୟ ଭୋଗ କରିବାକୁ ହେବ ।

Digitized by PPRACHIN, SOA

ଅତଏବ ଆମେ ଯେଉଁ ମନ୍ଦ ରଖିଥାଉ ବା ଶୁଣିଥାଉଁ, ତନ୍ମଧ୍ୟରୁ କେତେକ ଯେପରି ମଧ୍ୟ କୌଣସି କାରଣବଶତଃ ନଷ୍ଟ ହୋଇଯାଏ; ସେହିପରି ଆମେ ଆଘାତ ପାଇ ପ୍ରତିଘାତ ରୂପରେ ଯାହା ପ୍ରଦାନ କରିଥାଉଁ ତନ୍ମଧ୍ୟରୁ ମଧ୍ୟ କିଛି ନଷ୍ଟ ହେବାର ଜଣାଯାଏ । ଏହିପରି ହେବାର କାରଣ, ଆମର ବିଶ୍ବର ଅନୁସାରେ ଆମେ ଠିକ୍ ଭାବି ଯାହା ପ୍ରତି ଯାହା ପ୍ରୟୋଗ କରିଥାଉ, ତାହା ବିଧାତାଙ୍କ ବିଶ୍ବରରେ ଆମ ବିଶ୍ବର ଠିକ ହୋଇଥିଲେ ସେ ପାଏ, ନୋହିଲେ ତାହା ଆମ ପାଖକୁ ଫେରିଆସି ଯଥାସମୟରେ ଆମକୁ ହିଁ ତାହାର ଫଳ ଭୋଗ କରିବାକୁ ହୁଏ ।

ଏଣୁ ଯାହାଙ୍କ ହାତରେ ଯେଉଁ ବିଗ୍ଭର ରହିବ, ସେହି ବିଗ୍ଭରକର୍ତ୍ତା ଉପଯୁକ୍ତ ହେବା ଦରକାର । ଅର୍ଥାତ୍ ନ୍ୟାୟବନ୍ତ, ବିଦ୍ବାନ୍,ଧାର୍ମିକ ପରୋପକାରୀ, କଷ୍ଟ ସହିଷ୍ଣୁ, ନିର୍ଲୋଭ, ଅକ୍ରୋଧ ଓ ପକ୍ଷପାତିତାଶୂନ୍ୟ ଏବଂ ପରର ସୁଖ ଦୁଃଖାନୁଭବୀ ହୋଇଥିବା ଦରକାର । ତା ନ ହେଲେ ସେକୂଳ ଖାଇ ଏକୂଳକୁ ମଧ୍ୟ ଖାଇ ବସିବ । ଯାହାକୁ ସେ ସେତେବେଳେ ମୁଣ୍ଡରେ ହାତ ଦେଇ କହିବ, ଏହା ମୋ ଭାଗ୍ୟରେ ଥିଲା— ଯାହାକୁ—

"ଯଦାଚରତି କଲ୍ୟାଣି ଶୁଭଂ ବା ଯଦିବାଶୁଭଂ
ତ ଦେବ ଲଭତେ ଭଦ୍ରେ କର୍ତ୍ତା କର୍ମଜ ମାତ୍ମନଃ ।
(ରାମାୟଣ)

ମହାଯାତ୍ରୀ

ଶ୍ରୀ ଚନ୍ଦ୍ରଶେଖର ଦାସ

ଦଶମ ଶ୍ରେଣୀ (ଖ)

ବିଶ୍ୱମାତା ପ୍ରିୟ ପୁତ୍ର ଅହେ ବାଲକୃଷ୍ଣ,
ତେଜିଅଛ ଆଜ ଏହି ବିଶ୍ବର ବୈକୁଣ୍ଠ ।
ବାସ ତ ତୁମ୍ଭର ନୁହେଁ ଏହି ବିଶ୍ବ ଯେବେ,
ତେଣୁ ଗ୍ଭଲିଗଲ ବାପୁ ସେ ଅମର ପଥେ ।
କାନ୍ଦେ ବିଶ୍ବ ତବଲାଗି ତବ ଗୁଣ ଗାଇ,
କି ମନ୍ତ୍ର ଦେଲ ହେ ବାପୁ କି ବାଦ୍ୟ ବଜାଇ ।
କାନ୍ଦଇ ଉତ୍କଳ ମାତା ତୁମ୍ଭର ବିହୁନେ,
ସ୍ବର୍ଗେଥାଇ ଦିଅବାପୁ ସାନ୍ତ୍ୱନା ତା ମନେ ।
କାନ୍ଦଇ ଭାରତ, ପ୍ରାଚ୍ୟ, ପଶ୍ଚାତ୍ୟ ଜଗତ,
ଗାଉଛନ୍ତି ତବ ମହାପ୍ରୟାଣ ସଙ୍ଗୀତ ।
କି ଦୁର୍ବହ ରୋଗ, କି ସେ ଦୁର୍ବହ ଯନ୍ତ୍ରଣା,
କିନ୍ତୁ ବାପୁ, ନ ଛାଡ଼ିଛ ତବ ସେ ସାଧନା ।

ଉତ୍କଳର ହିତେ ସଦା ଦେଇ ମନପ୍ରାଣ,
ଗ୍ରାମେ ଗ୍ରାମେ 'ବାପୁ' ପରି ବାଣ୍ଟିଅଛ ଜ୍ଞାନ ।
ଭାରତର ଦୁଃଖ ଦେଖି ଅଧୀର ଅସ୍ଥିର,
ହୋଇ କବି, ଜନତାକୁ କରୁଥିଲ ସ୍ଥିର ।
ରହିଥିବ ତବ ଯଶ କୀର୍ତ୍ତି ଏ ଭୁବନେ,
ଯେତେଦିନ ଚନ୍ଦ୍ର ସୂର୍ଯ୍ୟ ଉଦିତ ଗଗନେ ।
ମରଣକୁ ଏଡିନାହିଁ କେହି ଏହି ଭବେ,
ଜନ୍ମିବେ ଯେ, ଦିନେ ସେହୁ ମରିବେତ ସର୍ବେ ।
ତେବେ କିମ୍ପା ହୃଦେ ମୋର ଆସୁଅଛି ଦୁଃଖ,
ଦୁଃଖର ବିଷୟ ନୁହେଁ ଅଧିକନ୍ତୁ ସୁଖ ।
ଚତୁର୍ଦ୍ଦିଗେ ଶୁଭେ କିମ୍ପା କ୍ରନ୍ଦନର ରୋଳ,
ଶିଶୁ ପଦେ ନାହିଁ କିମ୍ପା ଖେଳିବାକୁ ବଳ ।

Digitized by PPRACHIN, SOA

କମ୍ପା ମ୍ଳାନ ଦିଶେ ଆଜି ପ୍ରକୃତ ବଦନ,
କମ୍ପା ଶୁଭେ ପକ୍ଷୀଦଙ୍କ ବିଷାଦର ସ୍ୱନ ।
ଯେତେବେଳେ ମାତାଗର୍ଭୁ ହୋଇଥିଲ ଜାତ,
କେହି ଜାଣି ନ ଥିଲେ ହେ ତୁମ୍ଭର ଚରିତ ।
ଆଜି ହୋଇ ଯୋଗ୍ୟପୁତ୍ର ଏ ବିଶ୍ୱ ସଂସାରେ,
କାନ୍ଦାଇଲ ଜଗତକୁ ତୁମ୍ଭ ଶକ୍ତିବଳେ ।
ଜାଣିଲି ଜାଣିଲି ବାବୁ ତବ ଗୁଣରାଶି,
ଗାଉଛୁ ଜଗତ ଆଜି ତୁମ୍ଭ ନାମ ଘୋଷି ।
ସ୍ୱର୍ଗଯାତ୍ରୀ ତୁମ୍ଭେ ଅଟହ ଯାଅ ଶୀଘ୍ର ଚାଲି,
ଏ ମନ୍ଦରେ ତାଳ ତବ ଆଶୀର୍ବାଦ ବାଣୀ ।
ସରଗ ଧାମରେ ବାବୁ ଦେବତାଙ୍କ ପାଶେ,
କରୁଥିବ ନିବେଦନ ଆମର ସକାଶେ ।
ନାହିଁ ନାହିଁ କି ଲୋଡ଼ାଏ କ୍ଷୁଦ୍ର ବାଳକର,
ଏତିକି ପ୍ରାର୍ଥନା ଶେଷେ ଘେନ ନମସ୍କାର ।

ପରାଜିତା

ଶ୍ରୀ ପୂର୍ଣ୍ଣଚନ୍ଦ୍ର ରାଉତ

(ଏକାଦଶ ଶ୍ରେଣୀ)

ସେଦିନ ମଳୟ ଭିଡ଼ ହିଲ୍ଲୋଳେ
ଆସିଥିଲ ଯେବେ ବାଳା,
ଆସିଥିଲ ତମ ରୂପ ସଙ୍ଗୀତ ଗାଇ,
କ୍ଳାନ୍ତ ଅଯତନେ ଢାଳିଥିଲି ମୋର
କୋଟିଏ ଅର୍ଘ୍ୟଥାଳି,
ଛୁଟିଲି ମୁଁ ସେ ରୂପର ମନ୍ଦିର ପାଇଁ ।
ଜାଳିଥିଲି ମୋର ପ୍ରଣୟ ଦୀପାଳି
ଭୁଲି ପରାଜୟ ଯେତେ
ଭୁଲି ଜୀବନର ବ୍ୟର୍ଥ ଗୀତକାରୟ,
କିନ୍ତୁ ଗୋ ବରାନନା,
ଜୀବନବ୍ୟାପୀ ମୁଁ ପାରିଲିନି କରି
ତମର ସେ ଶାରଜନା ।

× × ×

ଗଲ ଯେବେ ଫେରି ଦୂରପଥେ ପୁଣି
ନେଇ ଜୟ, ସମ୍ମାନ,
ନୂତନ ସାଥିର ନବ ଆହ୍ୱାନା ପାଇ,
ପୁରାତନ "ମୁଁ" ଏ ଜୀର୍ଣ୍ଣ ନୀଡ଼ ଗୋ
ନବ ସାଥି ଆବାହନ,
ପାରିଲି ନି ତବ ନବ ସଙ୍ଗୀତ ଗାଇ ।

Digitized by PPRACHIN, SOA

ତେଣୁ ଗୋ ସେ ଦିନ ଭୀରୁ ସନ୍ଧ୍ୟାର
ଛନ୍ଦିତ ବନପଥେ
ହୃଦୟର କୋଣୁଁ ଦେଇଥିଲ ଯେଉଁଦାନ,
ଛନ୍ଦେ ଫୁଟାଇ ସ୍ଫୁରୁ ଚନ୍ଦ୍ରିକା ରାତେ
ରଚିଥିଲ ବସି ତମର ଯେ ଜୟଗାନ,
ଆଜଏ ତମର ପ୍ରସ୍ଥାନେ "ବିଜୟିନୀ"
ତମର ହସ୍ତେ, ସେ ସବୁରେ ମୁହିଁ ଅର୍ପିଇ ଦୀନକବି
ନୟନେ ଜାଗଇ ଅଶ୍ରୁର ଅବାହନୀ ।

ଅତୀତ

ଶ୍ରୀ ଦୋଲଗୋବିନ୍ଦ ସାମଲ

(ଏକାଦଶ ଶ୍ରେଣୀ)

ଅତୀତ କେବଳ ମାତ୍ର ସ୍ମୃତି, ବର୍ତ୍ତମାନ ଅନୁଭୂତ ଓ ଭବିଷ୍ୟତ କଳ୍ପନାମୟ । ଅତୀତର ଅସ୍ଥିକଙ୍କାଳ ଉପରେ ବର୍ତ୍ତମାନ ପ୍ରତିଷ୍ଠିତ । ବର୍ତ୍ତମାନକୁ ଭବିଷ୍ୟତରେ ରୂପାନ୍ତର କରିବାକୁ ମନୁଷ୍ୟ ସର୍ବଦା ବ୍ୟଗ୍ର । ଅତୀତର ଦାନରେ ବର୍ତ୍ତମାନ ଜୀବିତ । ତେଣୁ ବର୍ତ୍ତମାନର ଗୌରବ ଓ ସଭ୍ୟତା ସମସ୍ତ ଅତୀତର ସୁଦୃଢ଼ ଭିତ୍ତି ଉପରେ ସୁପ୍ରତିଷ୍ଠିତ । ଅତୀତ ଯଦି ସୁଦୃଢ଼ କିମ୍ବା ଗୌରବମୟ ନୁହେଁ, ତାହାହେଲେ ବର୍ତ୍ତମାନର ଅସ୍ତିତ୍ୱ କେଉଁଠି ? ଦେଶ ଆଜି ପ୍ରଗତି ପଥରେ ଅଗ୍ରଗାମୀ—ଭବିଷ୍ୟତର ରଙ୍ଗିନ କଳ୍ପନାରେ ଦେଶବାସୀ ଆଜି ଅଧୀର । କିନ୍ତୁ ଏହା ମୂଳରେ ନିହିତ ଅଛି ସେହି ଅତୀତ । ଯଦି ଅତୀତ ସହିତ ବର୍ତ୍ତମାନର କିଛି ସମ୍ବନ୍ଧ ନାହିଁ ଓ ତାହା ସମ୍ପୂର୍ଣ୍ଣ ପୃଥକ୍, ତାହାହେଲେ ପ୍ରାଚୀନ ଗରିମାମୟୀ କୀର୍ତ୍ତିଗାଥା ଉପରେ ଦୃଷ୍ଟିପାତ କରିବାର ଆବଶ୍ୟକତା କ'ଣ ? ପ୍ରଗତି ପଥର ଯାତ୍ରୀ ହୋଇ ମନରେ କାହିଁକି ବା ଏହି ପ୍ରଶ୍ନ ଉଙ୍କିମାରେ ହୁଏ । ଯେଉଁ ଅତୀତ ମୃତ, କବର ମଧ୍ୟରୁ ସେହି ଅତୀତର ଚୂର୍ଣ୍ଣିଭୂତ ଅସ୍ଥିକଙ୍କାଳ ଖୋଳି ବାହାର କରିବାର କାରଣ କଣ ? ଯେତେବେଳେ ମନୁଷ୍ୟ ଭାବୀ-କଳ୍ପନାର୍ଣ୍ଣବରେ ନିମଜ୍ଜିତ, ସେତେବେଳେ ଅତୀତ ଉପରକୁ ଫେରି ଚାହିଁବାକୁ ସମୟ କାହିଁ ? ଫେରି ଚାହିଁଲେ ଲାଭ କ'ଣ ?

କିନ୍ତୁ ପ୍ରଗତିର ଧ୍ୱଜାତଳେ ଅତୀତର ଦାନ ସୁମହାନ୍ । ଏହା କେବଳ ରକ୍ଷଣଶୀଳତା ବା ପ୍ରତିକ୍ରିୟାଶୀଳତାର ପରିଚାୟକ ନୁହେଁ । ପ୍ରଗତି ପଥର ଯାତ୍ରୀ ପ୍ରଗତିର ଧ୍ୱଜା ଧରି ଯେତେଦୂର ଅଗ୍ରସର ହେବ, ଅତୀତର ସ୍ମୃତି ତାଙ୍କର ସ୍ମୃତି କୋଷରେ ଜାଗରିତ ହେବା ସଙ୍ଗେ ସଙ୍ଗେ ତାଙ୍କୁ ସୁଦୂର ଅତୀତକୁ ଆକର୍ଷଣ କରିବ । ଅତୀତ ଯାହାର ନାହିଁ, ବର୍ତ୍ତମାନ ସେ ଜାତି ନିକ୍ଷେପିତ ଓ ଅବହେଳିତ ।

Digitized by PPRACHIN, SOA

ଅତୀତର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ନିମନ୍ତେ ଏଠାରେ ଏକ ପ୍ରବାଦ ମାନସପଟରେ ଜାଗ୍ରତ ହୁଏ । ଥରେ ଜଣେ କର୍ମକ୍ଳାନ୍ତ ଶ୍ରାନ୍ତ ବୃଦ୍ଧ ପୁରୁଷ ନିଜ ଜୀବନର ବିଭିନ୍ନ ଘଟଣାକୁ ସ୍ମରଣ କରି ନିଜର ଶାନ୍ତିମୟ ଜୀବନ ପ୍ରତି ବିରକ୍ତି ପ୍ରକାଶ କରିଥିଲେ ଏବଂ ଏକଦା ଗୋଟିଏ କ୍ଷୁଦ୍ର ଶିଶୁକୁ ସମ୍ମୁଖରେ ଦେଖି ଦୁଃଖ ପ୍ରକାଶ କରି କହିଥିଲେ, "ପୁନର୍ବାର ଏହି ଶିଶୁଟିର ଅବସ୍ଥାକୁ ଫେରି ହୁଅନ୍ତା କି ! କେଡ଼େ ସୁଖୀ ଏ ଶିଶୁଟି !" ବୀର ପୁରୁଷଙ୍କର ଏତାଦୃଶ ବକ୍ତବ୍ୟର ଶ୍ରବଣରେ ଜଣେ ଦାର୍ଶନିକ ତାଙ୍କୁ କହିଲେ, "Forget thy past and thou art an infant too". "ନିଜର ଅତୀତ ଆପଣ ବିସ୍ମୃତ ଗର୍ଭକୁ ନିକ୍ଷେପ କଲେ ଆପଣ ବି ସେହି ଶିଶୁର ଅବସ୍ଥା ପ୍ରାପ୍ତ ହେବେ" । କାରଣ କ୍ଷୁଦ୍ର ଶିଶୁଟି କେବଳ ଅଳ୍ପଦିନ ହେଲା ଧରିତ୍ରୀବକ୍ଷରେ ପଦାର୍ପଣ କରିଛି, ତାହାର ଅତୀତ ବୋଲି କିଛି ନାହିଁ । ସେ ସଦ୍ୟଜାତ, ଗର୍ବ କରିବାପାଇଁ ତା'ର ଅତୀତ ନାହିଁ । ତା'ର ମାନସମ୍ମାନ ଓ ଯଶଖ୍ୟାତି କିଛି ନାହିଁ ।

କିନ୍ତୁ ମନୁଷ୍ୟର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତା'ର ମଧ୍ୟ ଏକ ଅତୀତ ଗଠିତ ହୁଏ । ଏହି ଅତୀତ ଗଠିତ ହେବା ସଙ୍ଗେ ସଙ୍ଗେ ଜୀବନ ଯେଉଁ ଦୁଃଖ ଦୁର୍ବିପାକ ବା ସୁଖସମ୍ଭୋଗ ଦେଇ ଗତ କରିଥାଏ, ସେଗୁଡ଼ିକ ସ୍ମରଣୀୟ ଘଟଣାରୂପେ ସ୍ମୃତି କୋଷରେ ଏକ ଏକ ଦାଗ ହୋଇ ଲାଗି ରହେ । କିନ୍ତୁ ଯେ ବୀର ପୁରୁଷ ଯା'ର ଅତୀତ ଉଜ୍ଜ୍ୱଳ, ସେ ଯଦି ତାଙ୍କର ସେହି ସୁମହାନ୍ ଅତୀତକୁ ଅତଳ-ସାଗର ଗର୍ଭକୁ ନିକ୍ଷେପ କରିବେ, ତାହାହେଲେ ତାଙ୍କର ମାନସିକ ଅବସ୍ଥା ମଧ୍ୟ ସେହି ଶିଶୁଟି ସଙ୍ଗେ ସମାନ ହୋଇଯିବ ।

ଠିକ୍ ସେହିପରି ଯଦି ଗୋଟିଏ ଜାତି ତା'ର ଅତୀତକୁ ଭୁଲିବ, ତେବେ ସେ ଜାତି ନିଜର ପରମ୍ପରା, ନିଜର ଆଭିଜାତ୍ୟ, ନିଜର ସଭ୍ୟତା, ନିଜର ସମୃଦ୍ଧି, ନିଜର ଶିକ୍ଷାଦୀକ୍ଷା ସମସ୍ତ ଭୁଲି ଏକ କ୍ଷୁଦ୍ର ଶିଶୁର ଅବସ୍ଥା ପ୍ରାପ୍ତ ହେବ । ତେଣୁ ପ୍ରତ୍ୟେକ ଜାତି ନିଜର ଅତୀତକୁ ଗୌରବମୟ ଓ ଚିରସ୍ମରଣୀୟ କରିବାକୁ ବ୍ୟସ୍ତ । ଇଂରେଜ-ମାନେ କହନ୍ତି, ସେମାନେ ପୃଥିବୀର ସର୍ବପ୍ରଥମ ସଭ୍ୟ ଜାତି । ଫରାସୀମାନେ ନିଜର ଆତ୍ମଗରିମା ବଢ଼ାଇଥା'ନ୍ତି ! ଜର୍ମାନ୍‌ମାନେ ମଧ୍ୟ ସେଥିରୁ ବଞ୍ଚିତ ହୁଅନ୍ତି ନାହିଁ । ଅତୀତର ସଭ୍ୟତା ଉନ୍ନତ ବୋଲି ପ୍ରମାଣ କରିବାପାଇଁ ସବୁଜାତି ବ୍ୟାକୁଳ । ଯେଉଁ ଜାତିର ଅତୀତ ପ୍ରକୃତରେ ମହାନ୍ ସେ ଜାତି ସଦାବେଳେ ସେହି ଅତୀତର ମହତ୍ତ୍ୱକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରେ । ଅତୀତ ଗୌରବମୟ ଶାନ୍ତି, ସମୃଦ୍ଧିର ଆଳୟ ଏହା ପ୍ରମାଣ କରିବାକୁ ସବୁଜାତି ଉତ୍କଣ୍ଠିତ, ଚେଷ୍ଟିତ, ଆଗ୍ରହୀ । ଯେଉଁ ଜାତି ଉକ୍ତ ଚେଷ୍ଟାରୁ ବିରତ ହୁଏ, ସେ ଜାତି ନିଜର ଅତୀତକୁ ଅନ୍ଧକାରାଚ୍ଛନ୍ନ ରଖିବା ସଙ୍ଗେ ସଙ୍ଗେ ଭବିଷ୍ୟତର ପ୍ରଗତିପଥରେ ଆଲୋକ ଜାଳି ଦେବାପାଇଁ ମଧ୍ୟ ଅସମର୍ଥ ହୋଇପଡ଼େ । ଅତୀତ ଜନନୀର ସ୍ତନ୍ୟପାନ କରି ବର୍ତ୍ତମାନର ଶିଶୁ ଜୀବିତ ଓ ବର୍ତ୍ତମାନର ଯୁବତୀ ଯୌବନାବସ୍ଥା ପ୍ରାପ୍ତ ହେଲେ ତା'ର ଗର୍ଭରୁ ଜାତ ହୁଏ ଭବିଷ୍ୟତ—ଅର୍ଥାତ ଅତୀତ ହେଉଛି ବର୍ତ୍ତମାନର ଜନନୀ ଓ ବର୍ତ୍ତମାନରୁ ଅବିର୍ଭୂତ ହୁଏ ଭବିଷ୍ୟତ । ଅତୀତର ଆଦର୍ଶ, ପ୍ରେରଣା, ଶିକ୍ଷା ଓ ସଭ୍ୟତା ବର୍ତ୍ତମାନ ଉପରେ ପ୍ରଭାବ ବିସ୍ତାର କରେ ଏବଂ ବର୍ତ୍ତମାନର ପଥ-ପ୍ରଦର୍ଶକ ରୂପେ କାର୍ଯ୍ୟକରେ । ଅତୀତର ଆଦର୍ଶ ଓ ଗୌରବରେ ଅନୁପ୍ରାଣିତ ହୋଇ ବର୍ତ୍ତମାନ ଭବିଷ୍ୟତ ପାଇଁ କର୍ମପନ୍ଥା

Digitized by PPRACHIN, SOA

ନିର୍ଦ୍ଧାରଣ କରେ । ଅତୀତର ବୀର ପୁରୁଷମାନେ ଇତିହାସ ପୃଷ୍ଠାକୁ ଅଲଂକୃତ କରିଥାନ୍ତି । ଅତୀତର କୀର୍ତ୍ତିରାଜି ବର୍ତ୍ତମାନ ପ୍ରତ୍ୟେକ ଦେଶର ଅମୂଲ୍ୟ ସମ୍ପଦ । ସେହି ଅତୀତ ସମ୍ପଦର ସୁବିଧା ସୁଯୋଗ ନେଇ ବର୍ତ୍ତମାନ ଗର୍ବ କରେ । କାରଣ ଯେଉଁ ବିଜ୍ଞାନ ନେଇ ବର୍ତ୍ତମାନ ବଂଶ ଶତାବ୍ଦୀର ସଭ୍ୟମାନବ ଗର୍ବ କରେ, ତାହା ଅତୀତର ଅସ୍ଥିକଙ୍କାଳ ଉପରେ ପ୍ରତିଷ୍ଠିତ । ଅତୀତର ମହାମନୀଷୀମାନେ ସ୍ୱ ସ୍ୱ କାର୍ଯ୍ୟକଳାପ ଦ୍ୱାରା ବର୍ତ୍ତମାନ ପାଇଁ ପଥ ପକାଇ ଯାଇଅଛନ୍ତି, ଯେଉଁ ପଥ ଅନୁସରଣ କରି ବର୍ତ୍ତମାନର ବିଜ୍ଞାନ ଆଗେଇ ଯାଇ ଅଭୀଷ୍ଟ ଫଳଲାଭ କରିଅଛି । ଅତୀତର ଇତିହାସ ବର୍ତ୍ତମାନ ପାଠ୍ୟ ଓ ବର୍ତ୍ତମାନର ଗୌରବ ବର୍ଦ୍ଧନକାରୀ । ଯେଉଁ ଦେଶର ଅଧିବାସୀଙ୍କ ନିକଟରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ, ସେ ଦେଶବାସୀ ବିଶ୍ୱସନ୍ତାନ ପରି ବିଶ୍ୱ-ଦରବାରରେ ଗୌରବହୀନ ଆସନ ପାଇଥା'ନ୍ତି ।

ଜୀବନ ସାହାରାର ତପ୍ତବାଲୁକା ଉପରେ, ଦୁର୍ଦ୍ଦିନ ଓ ଦୁର୍ବିପାକର ଉତ୍କଟ ଅଟ୍ଟହାସ ମଧ୍ୟରେ, ନିୟତିର ତୀବ୍ର କଷାଘାତରେ ମନୁଷ୍ୟର ଏକମାତ୍ର ଭାବନାର ବସ୍ତୁ ତାହାର ଅତୀତ । ଦୁଃଖର କୁଜ୍ଝଟିକା ଘନେଇ ଆସିଲାବେଳେ ମଧ୍ୟ ସେ ତାହାର ଅତୀତ ଓ ବର୍ତ୍ତମାନକୁ ଭାବନାର ଅନ୍ତର୍ଭୁକ୍ତ କରେ । ସେହିପରି ଗୋଟିଏ ଜାତି ଅତୀତର କୀର୍ତ୍ତି ଓ ଅତୀତର ବୀରତ୍ୱ ସ୍ମରଣ କରି ଯେଉଁ ନୂତନ ପ୍ରେରଣା ଲାଭକରେ, ତାହାର ବଳରେ ସେ ଦୁଃଖ ଦୁର୍ଦ୍ଦଶାକୁ ଭ୍ରୂକ୍ଷେପ ନ କରି ଉନ୍ନତି ପଥରେ ଅଗ୍ରସର ହେବାପାଇଁ ସତତ ଯତ୍ନଶୀଳ ହୁଏ । ତେଣୁ ଉତ୍କଳ ଯେତେବେଳେ ଅନ୍ୟ ପ୍ରଦେଶ ସହିତ ମିଶି ତାହାର ସ୍ୱାତନ୍ତ୍ର୍ୟ ହରାଇଥିଲା, ସେତେବେଳେ ମଧୁବାବୁ ଉତ୍କଳର ଗୌରବ-ବାଣୀ ଶୁଣାଇ ଉଦ୍‌ବୋଧନ ଦେଇଥିଲେ:—

ତୋ ପୂର୍ବ-ପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ,
ତାଙ୍କର ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ।

ଅତୀତର ସାକ୍ଷୀ ଇତିହାସ । ଅତୀତର ସ୍ମରଣ ପାଇଁ ପ୍ରତ୍ୟେକ ଜାତିକୁ ତାହାର ଇତିହାସ ପୃଷ୍ଠା ଖୋଲିବାକୁ ପଡ଼େ । ଇତିହାସ ପୃଷ୍ଠାରୁ ପାଏ ସେ ନବ ପ୍ରେରଣା, ଇତିହାସ ଅଧ୍ୟୟନକର ସେହି ଇତିହାସ ପୃଷ୍ଠାରୁ ଅତୀତର ଗୌରବ ଗାଥା ଖୋଜିଆଣି ନବ ପ୍ରେରଣାରେ ଅନୁପ୍ରାଣିତ ହେବାକୁ ହୁଏ, ନବ ଉନ୍ମାଦନାରେ ଅନୁପ୍ରାଣିତ ହୋଇ ବିଜ୍ଞାନକୁ ଅନୁଧାବନ କରିବାକୁ ପଡ଼େ । କାରଣ ସବୁଦେଶ ସହିତ ସମତା ରକ୍ଷାକରି ମନୁଷ୍ୟକୁ ଚଳିବାକୁ ପଡ଼େ । ଇତିହାସର ଦାନ ବର୍ଣ୍ଣନାତୀତ । ପ୍ରତ୍ୟେକ ଦେଶର ଅଗ୍ରଗତି ପାଇଁ ସେ ଦେଶର ଇତିହାସ ପ୍ରେରଣାର ଅସରନ୍ତି ଭଣ୍ଡାର ଖୋଲି ଆସିଅଛି । ଇତିହାସ ପ୍ରତି ଅବହେଳା ପ୍ରଦର୍ଶନ ଅର୍ଥ ପ୍ରଥମତଃ ଦେଶର ଉନ୍ନତି ମୂଳରେ କୁଠାରାଘାତ କରିବା ଏବଂ ଦ୍ୱିତୀୟତଃ ତ୍ୟାଗୀ ଓ ବୀର ପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପରିବର୍ତ୍ତେ, ତାଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରିବା ।

ସୁତରାଂ ପ୍ରଗତି ପଥରେ ଯେତେ ଆଗେଇ ଗଲେ ମଧ୍ୟ ପୃଥିବୀର କୌଣସି ଉନ୍ନତ ଜାତି ନିଜର ଅତୀତ ଭୁଲିନାହିଁ କିମ୍ବା ଇତିହାସ ପ୍ରତି ଅବହେଳା କରିନାହିଁ ବରଂ ଅତୀତ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ଉତ୍ସାହିତ ହୋଇଛି । ଆଜି ଉନ୍ନତିର ଚରମ ସୀମାରେ ପହଞ୍ଚି ସୁଦ୍ଧା ଜାପାନ ଜାତି ନିଜ ଦେଶର ଇତିହାସକୁ ଧର୍ମଗ୍ରନ୍ଥ ରୂପେ ପୂଜା କରୁଛି । ବିଶାଳ ଚୀନ ଦେଶର

Digitized by PPRACHIN, SOA

ଅଧିବାସୀମାନେ ପୂର୍ବପୁରୁଷଙ୍କୁ ସ୍ମରଣ କରିବା ନିମନ୍ତେ ପୂର୍ବପୁରୁଷଙ୍କ ପୂଜାପଦ୍ଧତିକୁ ଧର୍ମର ଏକ ଅଂଶରୂପେ ଧରି ନେଇଛନ୍ତି । ପ୍ରଗତିଶୀଳ ଶତାବ୍ଦୀରେ ପଦାର୍ପଣ କରି ମୁସୋଲିନ ଯେତେବେଳେ ଦାରିଦ୍ର୍ୟ ପ୍ରପୀଡ଼ିତ ଇଟାଲୀୟମାନଙ୍କ ମାନସ ପଟରେ ନବ ଉନ୍ମାଦନାର ଗୀତ ବିକ୍ଷୋଭ ଖେଳାଇ ଦେଇଥିଲେ—କେବଳ ପ୍ରାଚୀନ ଇଟାଲୀର ଇତିହାସ ଆବୃତ୍ତି କରି ଓ ଗୌରବୋଜ୍ଜ୍ୱଳ ଇଟାଲୀର ଦ୍ୱାହି ଦେଇ । ସେହି ଅତୀତ ଗୌରବର ଉନ୍ମାଦନାରେ ଇଟାଲୀୟ ତରୁଣ ତରୁଣୀ ଦେଖି ପାରିଥିଲେ ପୁନର୍ବାର ପ୍ରାଚୀନ ରୋମୀୟ ସାମ୍ରାଜ୍ୟ ଓ ସେହି ସାମ୍ରାଜ୍ୟର ପୁନରୁଦ୍ଧାର କଳ୍ପେ ଢାଳି ଦେଇଥିଲେ ସେମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ସେମାନଙ୍କର ତରୁଣ ଜୀବନ । ଠିକ ସେହିପରି ଜର୍ମାନ ଜନତାକୁ ସନାତନ ଆର୍ଯ୍ୟଜାତିରୁ ସମ୍ଭୂତ ବୋଲି ଉଦ୍‌ବୋଧନ ଦେଇ ସେମାନଙ୍କ ତରଳ ମନରେ ହିଟଲର ପ୍ରାଚୀନ ମହତ୍ତ୍ୱର ଯେଉଁ ଉତ୍ତେଜନା ସୁଅ ଖେଳାଇ ଦେଇଥିଲେ ଏବଂ ପ୍ରାଚୀନ ଟିଉଟନ୍‌ମାନଙ୍କ ଲୁପ୍ତ ଗୌରବ ଫେରାଇ ଆଣିବାକୁ ଯେଉଁ ଇଙ୍ଗିତ ପ୍ରଦାନ କଲେ, ଯେତେ ତା ଫଳରେ ଜର୍ମାନ ଜାତି ସାରା ଧରିତ୍ରୀକୁ ଟଳମଳ କରି ଲକ୍ଷ ଲକ୍ଷ ନିରୀହ ଜନତା ବୁକୁରେ ଖେଳାଇ ଦେଇଥିଲା ଆତଙ୍କ । ପ୍ରଗତି-ହିମାଦ୍ରିର ଉଚ୍ଚତମ ଶୃଙ୍ଗରେ ପଦାର୍ପଣ କରି ସୁଦ୍ଧା ଆଜି ରୁଷବାସୀମାନେ ନିଜର ଅତୀତ ଗୌରବର ଉଦ୍ଧାର ନିମନ୍ତେ ସଦାସର୍ବଦା ବ୍ୟସ୍ତ ଓ ବ୍ୟାକୁଳ । ଯେଉଁମାନଙ୍କର ଅତୀତ ବୋଲି କିଛି ନାହିଁ, ସେମାନେ ସେମାନଙ୍କର ଅଗଭୀର ଅତୀତକୁ ଖୋଳି କୁଡ଼ାଉଛନ୍ତି କ୍ଷୀଣ ସତ୍ତ୍ୱଟିକକ ପାଇବା ପାଇଁ ସଦା ସର୍ବଦା ଇଚ୍ଛିତ ଓ ଲାଳାୟିତ ହୋଇ ଥାଆନ୍ତି—ଯେତିକି ଟିକିଏ ଅତୀତ ଅଛି, ସେହି କ୍ଷୁଦ୍ର ଶିଶୁଟିକୁ କୋଳରେ ଧରି । ଆମେରିକା ଯୁକ୍ତରାଷ୍ଟ୍ର ଜର୍ଜ ୱାସିଙ୍ଗଟନ୍, ଫ୍ରାଙ୍କଲିନ୍ ଓ ଅବ୍ରାହମ ଲିଙ୍କନଙ୍କ ନାମ ଧରି ବର୍ତ୍ତମାନ ପ୍ରତିଯୋଗିତାପୂର୍ଣ୍ଣ ସାଗରକୁ ପାରି ହୋଇ ଯାଉଛି । ଏହିସବୁ ଦେଶ ତୁଳନାରେ ଭାରତର ଅତୀତ କେତେ ସୁମହାନ୍ ଓ ଉଜ୍ଜ୍ୱଳ—ତାହା ଭାବିଲେ ହୃଦୟ ଆନନ୍ଦରେ ଫୁଲି ଉଠେ । ଯେତେବେଳେ ଉକ୍ତ ଉନ୍ନତ ଦେଶଗୁଡ଼ିକର ଆଦିମାନବ ବନ୍ୟ ପଶୁପରି ବିଚରଣ କରୁଥିଲେ, ଧରାପୃଷ୍ଠରେ ସେମାନଙ୍କୁ କେହି ଜାଣି ନଥିଲେ, ପ୍ରାଚୀନ ସଭ୍ୟତା ସେମାନଙ୍କୁ ସ୍ପର୍ଶ କରି ପାରି ନଥିଲା ଓ ସେମାନେ କେଉଁ ଆଲୋକହୀନ ମହା ସମୁଦ୍ରରେ ନିମଗ୍ନ ଥିଲେ, ଠିକ୍ ସେତିକିବେଳେ ଭାରତ ତାହାର କୃତୀ ସନ୍ତାନମାନଙ୍କୁ ବକ୍ଷରେ ଧରି ସଭ୍ୟତାର ଏକ ଉଜ୍ଜ୍ୱଳ ପ୍ରଦୀପ ଜାଳି ଦେଇଥିଲା । ସେହି ଉଜ୍ଜ୍ୱଳ ପ୍ରଦୀପ ଆଲୋକର ଆକର୍ଷଣରେ ଚତୁର୍ଦ୍ଦିଗର ଧନ-ଲିପ୍ସୁ ଜାତିମାନେ ମାଡ଼ିଆସି ତାହାର ଧନ ଅପହରଣ କରିଥିଲେ ସତ କିନ୍ତୁ ତାର ପ୍ରାଚୀନ ସଭ୍ୟତା ଉପରେ କୌଣସି ଆଞ୍ଚ ଆଣିପାରି ନାହାନ୍ତି । ଦେଶର ଗୌରବକୁ ବିଦେଶୀ ହସ୍ତରେ ଅର୍ପି ଦେଇ କେବେ ନୀରବରେ ତାʼର ସନ୍ତାନମାନେ ଜନନୀ ବକ୍ଷରେ କଳଙ୍କର ଦାଗ ବୋଳି ଦେଇ ନାହାନ୍ତି, ବରଂ ସେଥିପାଇଁ ଆତ୍ମବଳି ଦେଇଛନ୍ତି । ସୁତରାଂ ଭାରତର ଅତୀତ ସୁଗଭୀର ଓ ତାର ଇତିହାସ ସୁମହାନ୍ । ଭାରତ ଯେବେ ପୃଥିବୀର ଜାତିପୁଞ୍ଜ ସମ୍ମୁଖରେ ଏକ ସମ୍ମାନାସ୍ପଦ ଏବଂ ଗୌରବମୟ ସ୍ଥାନ ଅଧିକାର କରିଥାଏ, ସେଥିପାଇଁ ଅନେକ ପରିମାଣରେ ଇତିହାସ ହିଁ ଦାୟୀ ଏବଂ ବାହୁଲ୍ୟ ଯେ ଭାରତର ସ୍ୱାଧୀନତା ସଂଗ୍ରାମ ଓ ଜାତୀୟ ଜାଗରଣ ପଛରେ ସର୍ବଶ୍ରେଷ୍ଠ ପ୍ରେରଣା ରୂପେ ଯଦି କିଛି କାମ କରିଥାଏ, ତେବେ ହେଉଛି ପ୍ରାଚୀନ

Digitized by PPRACHIN, SOA

ମହତ୍ତ୍ୱର ସ୍ମୃତି — ଯେଉଁ ସ୍ମୃତିର ଦ୍ୱାହି ଦେଇ ମହାତ୍ମାଗାନ୍ଧୀ ତ୍ରିଂଶ କୋଟି ଜନତା ମଧ୍ୟରେ ନବ ପ୍ରେରଣା ଓ ଉନ୍ମାଦନା ଖେଳାଇ ଦେଇ ପାରିଥିଲେ । ଭାରତର ଅତୀତ ଶିଳ୍ପସ୍ଥାପତ୍ୟ, ଶିକ୍ଷା ସଭ୍ୟତା, ଗୌରବ ଗରିମାର ପ୍ରଭାବ ବର୍ତ୍ତମାନର ଶିକ୍ଷା ସଭ୍ୟତା ଉପରେ ପ୍ରଚ୍ଛନ୍ନଭାବେ ପଡ଼ିଛି । ଗାନ୍ଧିଜୀଙ୍କର ରାମରାଜ୍ୟ ପରିକଳ୍ପନା ମୂଳରେ ନିହିତ ଥିଲା ଶାନ୍ତି ଶୃଙ୍ଖଳାପୂର୍ଣ୍ଣ ବାୟୁମଣ୍ଡଳ । ରାମରାଜ୍ୟରେ ବିରାଜୁଥିଲା ଶାନ୍ତି, ସେ ଥିଲେ ବିଶେଷ ଭାବରେ ପ୍ରଜାବତ୍ସଳ । ରାଜନୀତିରେ ଥିଲେ ସୁନିପୁଣ — ତାହାଙ୍କ ବ୍ୟକ୍ତିତ୍ୱର ପ୍ରଭାବ ଗାନ୍ଧିଜୀଙ୍କ ହୃଦୟ କନ୍ଦରରେ ପଡିଥିଲା । ଅଶୋକଙ୍କ ଉଦାରବାଣୀ, "ଶାଣିତ ତରବାରିର ଜୟ ଜୟ ନୁହେଁ, ଅହିଂସାର ଜୟହିଁ ପ୍ରକୃତ ଜୟ" ଗାନ୍ଧିଜୀଙ୍କ ଅନ୍ତରରେ ବାରମ୍ବାର ପ୍ରତିଧ୍ୱନିତ ହୋଇଥିଲା । ତେଣୁ ସେ ଅତୀତର ଉଦ୍‌ବୋଧନ ଦେଇ ଭାରତୀୟଙ୍କ ପ୍ରାଣରେ ପ୍ରେରଣା ଦେଇ ପାରିଥିଲେ ।

ତେଣୁ ଯେଉଁ ଅତୀତ ବର୍ତ୍ତମାନର ରାଜନୀତି ଉପରେ ପ୍ରଭାବ ବିସ୍ତାର କରିଅଛି, ଯାହାର ଶିକ୍ଷା ଓ ସଭ୍ୟତା ଉପରେ ବର୍ତ୍ତମାନର ଗୌରବ ଗରିମା ପ୍ରତିଷ୍ଠିତ, ଯାହା ସ୍ୱାଧୀନତାଲିପ୍ସୁ ଭାରତୀୟଙ୍କ ପ୍ରାଣରେ ନବ ଉନ୍ମାଦନା ଓ ପ୍ରେରଣାର ବାତ୍ୟା ଖେଳାଇ ଦେଇପାରୁଛି, ଯାହାକୁ ଆଦର୍ଶ କରି ମନୁଷ୍ୟ ତାର ଭବିଷ୍ୟତ ଗଢ଼ିବାକୁ ଯାଉଛି, ସେହି ଅତୀତକୁ ବିସ୍ମୃତି ଗର୍ଭରୁ ଖୋଜି ବାହାର କରିବାକୁ ହେବ ଏବଂ ତାର ଅସ୍ଥିକଙ୍କାଳ ଉପରେ ବର୍ତ୍ତମାନ ଓ ଭବିଷ୍ୟତକୁ ଗଢିବାକୁ ହେବ । ତାହାହେଲେ ଯାଇଁ ଦେଶ ତଥା ଜାତିର ଭବିଷ୍ୟତ ଚିରଦିନ ପାଇଁ ଉଜ୍ଜ୍ୱଳ ରହିବ ।

Digitized by PPRACHIN, SOA

"ଅଶ୍ରୁ-ଅର୍ଘ୍ୟ"

ଶ୍ରୀ ରାଜକିଶୋର ପ୍ରଧାନ
ନବମ ଶ୍ରେଣୀ (ଖ)

ମୂର୍ତ୍ତିଙ୍ଗ କରି କର୍ମ
ତେଜି ଏ ମରଧାମ
ଯାଇଛ ଦୂରେ ବହୁଦୂରେ ।

ଦେଶର ଶୋକେ ଭରି
ଶୂନ୍ୟ ପରାଣ କରି
ଭସାଇ ଦେଲ ଆଜି ଅନ୍ତର ଝୁରି ମରେ ।

ସୁଦୂର ପଲ୍ଲୀ କୋଣେ
ଜନମି ଶୁଭକ୍ଷଣେ
ଉଜ୍ଜ୍ୱଳ କଲ ଜନ୍ମଭୂମି ।

ବିତରି ପ୍ରେମ ଧନ
ଭୁଲି ଗୌରବ ମାନ
ଲଗାଇ କୁହୁକ ପରଶମଣି ।

କରି ଥାଆନ୍ତ କେତେ
ଧନ-ସମ୍ପଦ ଯେତେ
ନିଜର ବୋଲି ଅଛୁ ଏ ଜଗତେ ।

କିନ୍ତୁ ସେ ସବୁ ତେଜି
ଆତ୍ମ ପନ୍ଥା ବରଜି
ମାତୃସେବାରେ ବ୍ରତୀ ଥିଲ ସତତେ ।

ଓଡ଼ିଆ ଜାତି ପ୍ରତି
ଦାନ ତୁମରି ଅତି
ଉଦାର ପୁଣି ସେ ମହତ ।

ପ୍ରତିଷ୍ଠି ମାତୃଭୂମି
'ଶିଶୁ-ସଙ୍ଘାଳି' ପୁଣି
ବଉଦ କୋଣେ 'ଜନ୍ମମାସ୍ତୁ' ସହିତ ।

ଯାଇଛ ଦୂରେ ସତ
ମାତୃଭୂମି ଯାବତ
ମରତେ ବଞ୍ଚି ରହିଥିବ ।

ଯୁଗ ଯୁଗ ଧରି ତୁମେ
ଏ ଜାତି ଜନମ ଭୂମେ
ହେ ମୃତ୍ୟୁଞ୍ଜୟୀ, ଅମର ହେବ ।

ହେ ପ୍ରାତଃ ସ୍ମରଣୀୟ;
କର୍ମୀ ଶ୍ରେଷ୍ଠ ବରେଣ୍ୟ
ଆଶିଷ ବାଣୀ ଦିଅଇ ମୋରେ ।

ତବ ଆଶିଷେ ମୁହିଁ
ତବ ଆଦର୍ଶେ ଯାଇ
ମହାନ୍ ହୋଇବି ବିଶ୍ୱରେ ।

ସଦ୍‌ଗତି ଆତ୍ମାର
କରନ୍ତୁ ପରାତ୍ପର
ଏହି ଅଳି କଞ୍ଜ ପଦ୍ମରେ ।

ଶେଷ ଦକ୍ଷିଣା ମମ
ଦେନ ଭକ୍ତି ପ୍ରଣାମ
ଥାଇ ଦୂର ଅମର ପୁରେ ।

Digitized by PPRACHIN, SOA

ଉତ୍କଳମଣି କହୁ

ଶ୍ରୀକୃପାସିନ୍ଧୁ ସାହୁ
(ଦଶମ ଶ୍ରେଣୀ, ଖ)

ଆଜି ବି ଉତ୍କଳେ ତବ,
ଉତ୍କଳମଣି ହେ ! ବନ୍ୟା-ମରୁଡ଼ି କରୁଅଛି ତାଣ୍ଡବ ।
ଆଜି ବି ରହିଛି ବୁଭୁକ୍ଷୁ କ୍ରନ୍ଦନ ପୀଡ଼ିତର ଦୀର୍ଘଶ୍ୱାସ,
ନିଷ୍ପୀଡନେ ଆଉ ଶୋଷଣେ ଅନ୍ତରେ ଜାଗିଛି ବେଦନା ତ୍ରାସ ।
ବିଷାକ୍ତ କରିଛି ପୁଣ୍ୟଭୂମି ତବ କାହାର ଜୀବନ ଧାର,
ମଡ଼କ ଯାତନା ଦୁର୍ଭିକ୍ଷର ଦାଉ ଅବସ୍ଥିର ଅନାସ୍ଥିର ।
ନୀରବ କାହିଁକି ତେବେ ?
ନିଷ୍ପୀଡ଼ିତର ଛଟଫଟା କାନ୍ଦ ମନେ କି ନ ପଡ଼େ ଏବେ ।

ମର ଜୀବନରେ ଅମର ତୁମେ ହେ, ଜାଳିଛ ତ୍ୟାଗର ଦୀପ,
କୋଟି ଅନ୍ତରରେ ଅଙ୍କିତ ରହିଛି ଆଜି ବି ତୁମର ରୂପ ।
ମରଲୋକ ତେଜିଗଲ ବୋଲି ଅବା କୋଟି ଅନ୍ତର ବାଣୀ,
ଜୀବନ ସେପାରେ ବହୁ ଦୂରତାରେ ପାରୁନାହିଁ ଆଜି ଶୁଣି ।
ତୁମେ ତ ଜାତିର ବୀର,
ରଚିଅଛ ତୁମେ ତୁମର ମୃତ୍ୟୁରେ ତ୍ୟାଗର ମହା-ମନ୍ଦର ।

କୋଟି କଙ୍କାଳ ଲୋଟେ ଭୂତଳରେ ଜୀବନ ଝାଉଁଳି ଆସେ,
ଜୀବନର ମଧୁ ଆଶା ମରିଯାଏ ମରୁ-ମରୀଚିକା ପାଶେ ।
ଛିନ୍ନମସ୍ତାଏ ଜନନୀ ତୁମ୍ଭର ଆଜି ବି ଚାହିଁଛି ଲୁହ,
କେତେଦିନେ ଆଉ ଯିବ ଏ ଦୁର୍ଦ୍ଦିନ ଉତ୍କଳମଣି କହ ।

Digitized by PPRACHIN, SOA

ସାଲେପୁର ଉଚ୍ଚବିଦ୍ୟାଳୟ
ଓ
ସ୍ୱର୍ଗୀୟ ବାଳକୃଷ୍ଣ କର

ଶ୍ରୀ ରାମଚନ୍ଦ୍ର ଦାଶ, ଓକିଲ, କଟକ

ପ୍ରଥମତଃ ସାଲେପୁରରେ ଗୋଟିଏ ମଧ୍ୟଇଂରାଜୀ ବିଦ୍ୟାଳୟ ଥିଲା । ସେହି ସମୟରେ ସହର ବ୍ୟତୀତ ପଲ୍ଲୀ ଅଞ୍ଚଳରେ ଉଚ୍ଚଶିକ୍ଷା ଲାଭ କରିବାର କୌଣସି ବ୍ୟବସ୍ଥା ନ ଥିଲା । ତେଣୁ ଦରିଦ୍ର ମେଧାବୀ ଛାତ୍ରଙ୍କ ଅଧ୍ୟୟନର ସୁବିଧା ନିମିତ୍ତ ସାଲେପୁରଠାରେ ଗୋଟିଏ ଉଚ୍ଚ-ବିଦ୍ୟାଳୟ ସ୍ଥାପନ କରିବାର ବାସନା ସର୍ବପ୍ରଥମେ ବାଳକୃଷ୍ଣ କରଙ୍କ ହୃଦୟରେ ଜାଗ୍ରତ ହୋଇଥିଲା । ସେ ନିଜେ ଜାନପୁର ମେଟକାଫ ମଧ୍ୟଇଂରାଜୀ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ କଟକର ପି. ଏମ୍. ଏକାଡେମିରେ ଅଧ୍ୟୟନ କଲେ । ତହିଁରୁ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ରେଭେନ୍‌ସା କଲେଜରେ ପ୍ରବେଶ କଲେ ଏବଂ କଲିକତା ବିଶ୍ୱବିଦ୍ୟାଳୟରୁ ବି. ଏ. ଡିଗ୍ରୀ ଲାଭକଲେ । ତତ୍ପରେ ସେ ବିହାର ଓଡ଼ିଶା ସରକାରଙ୍କଠାରୁ ବୃତ୍ତି ଲାଭକରି କଲିକତା ମହାନଗରୀରେ ଆଇନଶାସ୍ତ୍ର ଅଧ୍ୟୟନ କରିବାକୁ ଯାଇଥିଲେ । ଏହି ସମୟରେ ସାଲେପୁରଠାରେ ଉଚ୍ଚବିଦ୍ୟାଳୟ ସ୍ଥାପନ କରିବାର ସ୍ପୃହା ତାଙ୍କ ହୃଦୟରେ ଏପରି ବଳବତୀ ହୋଇ ଉଠିଥିଲା ଯେ, ସେ ସେହି ବୃତ୍ତି ପରିହାର କରି ସ୍ୱଗ୍ରାମକୁ ବାହୁଡ଼ି ଆସିଲେ । ତାଙ୍କର ପ୍ରେରଣାରେ ହାଇସ୍କୁଲ ସ୍ଥାପନ ଉଦ୍ଦେଶ୍ୟରେ ଗୋଟିଏ ସଭା ଆହୂତ ହୋଇ କର୍ମପନ୍ଥା ନିର୍ଦ୍ଧାରଣ କରାଯାଇଥିଲା । ମାତ୍ର କେତେକ ଅପରିହାର୍ଯ୍ୟ କାରଣବଶତଃ ଉକ୍ତ କାର୍ଯ୍ୟ ସ୍ଥଗିତ ରହିଲା ।

କିଛି ସମୟ ଅତିବାହିତ ହେଲା ଉତ୍ତାରେ ବାଳକୃଷ୍ଣ କର ପୁନର୍ବାର ସ୍କୁଲପାଇଁ ଲାଗି ପଡ଼ିଲେ । ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ସାଲେପୁରଠାରେ ଗୋଟିଏ ସଭା କରାଇଲେ । ଉକ୍ତ ସଭାରେ କାର୍ଯ୍ୟସୂଚୀ ସ୍ଥିରହେଲା ପରେ ସେ ହାଇସ୍କୁଲର ୮ମ ଶ୍ରେଣୀ ଖୋଲି ଛାତ୍ରମାନଙ୍କୁ ଅବୈତନିକ ଭାବରେ ପଢ଼ାଇବାକୁ ଲାଗିଲେ । କିନ୍ତୁ ଦୁଃଖର ବିଷୟ ଉକ୍ତ ଶ୍ରେଣୀର କାର୍ଯ୍ୟ ସୁରୁଖୁରୁରେ ନ ଚାଲିବାରୁ ସେ ସାଲେପୁର ଛାଡ଼ି କନିକା ଓ ତତ୍ପରେ କେନ୍ଦ୍ରାପଡ଼ା ଉଚ୍ଚ-ବିଦ୍ୟାଳୟରେ ଶିକ୍ଷକତା ଗ୍ରହଣ କଲେ । ସ୍ୱୀୟ ସ୍ୱଳ୍ପକାଳ ମଧ୍ୟରେ ସେ କିଛି ଅର୍ଥ ସଂଗ୍ରହ କଲା ଉତ୍ତାରେ ଶିକ୍ଷକତା କାର୍ଯ୍ୟ ପରିତ୍ୟାଗ କରି କଟକରେ ସାରସ୍ୱତ ପ୍ରେସ ପ୍ରତିଷ୍ଠା କଲେ । ସେ ଉକ୍ତ ଛାପାଖାନାଟିକୁ କଷ୍ଟେ ମଷ୍ଟେ ଚଳାଉଥିବା ଅବସ୍ଥାରେ ତୃତୀୟଥର ପାଇଁ ସାଲେପୁରଠାରେ ହାଇସ୍କୁଲ ସ୍ଥାପନ କରିବା ବିଷୟରେ ଲାଗି ପଡ଼ିଲେ । ଏଥିରୁ ସ୍ପଷ୍ଟ ପ୍ରତୀତ ହେଉଅଛି ଯେ ବାରମ୍ବାର ଅକୃତକାର୍ଯ୍ୟ ହେବା ସତ୍ତ୍ୱେ ସାଲେପୁରଠାରେ

Digitized by PPRACHIN, SOA

ହାଇସ୍କୁଲ୍ ସ୍ଥାପନ କରିବାର ଇଚ୍ଛା ତାଙ୍କ ହୃଦୟରେ ସର୍ବଦା ଜାଗରୁକ ଥିଲା ।

ସାଲେପୁର ଥାନାର · ଲୋକେ ହାଇସ୍କୁଲ୍ ସ୍ଥାପନର ସ୍ଥାନ ନିର୍ବାଚନ ସମ୍ବନ୍ଧରେ ନାନାମତ ପ୍ରକାଶ କରିବାରୁ ଏକ ଅଶୋଭନୀୟ ପରିସ୍ଥିତି ସୃଷ୍ଟି ହେଲା । ତେଣୁ ଏହି ଅଞ୍ଚଳର ବିଶିଷ୍ଟ ଲୋକଙ୍କୁ ନେଇ କଟକର ଟାଉନହଲରେ ଗୋଟିଏ ସଭା ଆହ୍ୱାନ କରାଗଲା । ତହିଁରେ ସାଲେପୁରଠାରେ ହାଇସ୍କୁଲ୍ ପ୍ରତିଷ୍ଠା କରିବାର ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହେଲା । ଏହା ପରେ ପରେ ଶ୍ରୀଯୁକ୍ତ କର ହାଇସ୍କୁଲ୍ ସ୍ଥାପନରେ ଲାଗିପଡିଲେ । ପ୍ରଥମତଃ ମିଃ ଇଃ ସ୍କୁଲର ଗୋଟିଏ କୋଠରୀରେ ୮ମଶ୍ରେଣୀ ଖୋଲାଯାଇ ଗୃହନିର୍ମାଣ ଆଦି କାର୍ଯ୍ୟ ଆରମ୍ଭ ହେଲା ଏବଂ ତାଙ୍କର ଅକ୍ଳାନ୍ତ ଚେଷ୍ଟା ଫଳରେ ମିଃ ଇଃ ସ୍କୁଲଟି ଦୁଇବର୍ଷ ମଧ୍ୟରେ ହାଇସ୍କୁଲରେ ପରିଣତ ହେଲା । ବାଲକୃଷ୍ଣ କରଙ୍କ ଚେଷ୍ଟାରେ ସ୍ଥାପିତ ହାଇସ୍କୁଲଟି ଏପର୍ଯ୍ୟନ୍ତ ସୁଖ୍ୟାତି ଅର୍ଜନ କରି ଚାଲି ଆସୁଅଛି ।

ସାଲେପୁରର ତତ୍କାଳୀନ ସବ୍‌ରେଜିଷ୍ଟ୍ରାର ଶ୍ରୀ ଜୟନାରାୟଣ ଦାସ ଗୃହନିର୍ମାଣ ଆଦି ସ୍କୁଲର ଯାବତୀୟ କାର୍ଯ୍ୟରେ ବାଲକୃଷ୍ଣ କରଙ୍କ ସହିତ ସହଯୋଗ କରିଥିଲେ । ସେ ବୁଲିହିଁ ଅନେକ ସ୍ଥାନରୁ ଓ ଅନେକ ବଦାନ୍ୟ ବ୍ୟକ୍ତିଙ୍କଠାରୁ ବହୁ ଆୟାସ ସହକାରେ ଅର୍ଥସଂଗ୍ରହ ପୂର୍ବକ ସ୍କୁଲ ଗୃହଟିକୁ ଠିଆ କରାଇ ପାରିଛନ୍ତି । ମୁଁ ମଧ୍ୟ ସେମାନଙ୍କୁ ଉକ୍ତ କାର୍ଯ୍ୟରେ ଯଥାସାଧ୍ୟ ସାହାଯ୍ୟ କରିଅଛି । ବାଲକୃଷ୍ଣ କର ମଧ୍ୟ ନିଜେ ସ୍କୁଲକୁ ଯଥେଷ୍ଟ ଆର୍ଥିକ ସାହାଯ୍ୟ ଦେଇ ତାର ଉତ୍ତରୋତ୍ତର ଉନ୍ନତି ସାଧନ କରିଅଛନ୍ତି । ତାଙ୍କର ଚେଷ୍ଟା ଓ ଉଦ୍ୟମ ଯୋଗୁହିଁ ସାଲେପୁର ହାଇସ୍କୁଲଟି ପ୍ରତିଷ୍ଠିତ ହୋଇଅଛି ।

Digitized by PPRACHIN, SOA

In Memory

Ballavendranath Sen, B. A.

(*Teacher*)

Far far away under the Milky way
The vision that deepens, fades away
Slowly by the age's oblivion
Peeps in the shady horizon of transmutation
But out burst your memory through the sullen time
Your undying spirit, lofty ideals, never resume
No more shall we behold your frail frame, your deep piercing glance
No more your gallant words be our guidance
Everything rotates along its way, unaltered every day,
You seem changed, into empty space passed away
Your sacrifice, your high and ethical sense
Passed into memory, pave the muddy track of our race.

Fare thee well

Sri Krishna Chandra Nanda.

A rose once budding in a desert
And blooming in solitude.
Had its perfect fragrance and grace
In those bygone days, and will have
The perfume for ever.
The wind gives the message and the birds
Sing thy songs, I remember thee.
The memory is ever green in my heart.
Pour blessings from heaven to inspire us.
Thou bind us with thy pleasant tie of love ;
And remain in our ever-cherished memory
Fare thee well, Fare thee well.

Digitized by PPRACHIN, SOA

OUR FOUNDER GREAT

K. C. Das, B.A., D.Ed.

We owe thee our very existence, O founder great,
We owe thee our knowledge, our all,
Rest thou in peace, in thy eternal, thy happiest nest,
What more can we hope for, O founder great !

Mark him there, pale, withered, wrinkled though he looks,
How enjoys he the deep, sound slumber,
After his day's work is done, after his life's sun has set,
Engrossed in his sweet thoughtful dream, our founder great.

Hush, hush, hark ye, he seems to speak,
His pursed lips seem to move, yielding to the last words of adieu,
As would a lover leave word to his betrothed new,
He speaks to those, undaunted, unfaltering and in his path treaders new.

Hasten,ye country men, to him and lend him thy ears,
Mark his gloomy thought, wrinkled face glitter,
As though in solving a knotty problem, singularly vexing for long,
In humanising his sayings to thy ears, O brethren, to his bed-side throng.

There he is, mark him well, trembling with the pangs of death,
How unwilling, pierced at heart, to part, to stop his breath,
Before the end is reached, and the fight is won,
There he strives, as though to escape death and to fight alone.

O poet, sing for him, for the song of his life is the nation's tune,
Endeavoured to draw along the nation's chariot that could scarcely be drawn.
A man of action was he and never once had his back he shown,
Pulled the nation out of its chamber of slumber, made it hear his song.

Such a man was he, so full of vigour and that juvenile joy
In blowing the nation's horn in having its hopes realised,
That he knew no bounds no limit could stop his marching along
In the road of glory, in the region where angels love to tread.

Hand us the reins, O fighter, now that thou art tired,
Behind us stand, leave us not, for the battle has yet to be fought,
Leave the key that opens all doors closed to us,
We, the novice, the newly initiated treaders on the path of progress.

Digitized by PPRACHIN, SOA

School Notes

1. *Obituary*—Death has deprived us of the inspiring association of Sri Balakrishna Kar and Sri Jayanarayan Das, the founders of our institution, to whom the present issue of our magazine is devoted. Sri Balakrishna Kar left us on 5-8-57 and Sri Jayanarayan Das on 25-10-57. These days were days of mourning for all of us, followed by mass meetings, prayers and poor-feeding in memory of the departed great and 'Tila-Tarpana' at the Chitrotpala.

On 4-8-57 Sri Dibakar Das, a student of Class XI and a boarder of our Hostel, was called away from our midst by inscrutable providence, leaving the inmates of the school plunged in grief. His loving memory clings to us even to this day.

2. The strength of the school during the year under report was 390 and classes VIII to X continued to be duplicated.

3. *Examination results* :—Out of 35 students sent up for the Annual and Supplementary High School Certificate Examinations of 1957, 32 came out successful, 3 in the First Division, 12 in the Second and 17 in the Third. Sri Dharmanand, Goswami secured the sixth place among the successful candidates of the Annual High School Certificate Examination and was awarded a merit Scholarship. Sri Dolagovind Panda and Sri Pratap Chandra Patnaik obtained merit-cum-poverty Scholarships.

4. *Activities*:—The Annual Inter High School Athletic Meet conducted by the School was held on the 15th and 16th February, 1958. The following schools participated :—

1. N. K. Bidyamandir, Kusupur.
2. Choudhury Vidyapitha, Bhera.
3. Doboli Model High School.
4. Sungra High School.
5. Salipur High School.

Sri R. S. Senapati, M. A. (Wis), M.Ed., Inspector of Schools, Central Circle, presided over the function. The School retained School Championship as well as Senior Championship.

The School has been allotted an N. C. C. unit likely to function very shortly.

5. ***Pleasure trips***—A party of teachers and students went out on a pleasure trip to Naraj, Khandagiri and Bhubaneswar and visited the Barang Glass Works during their journey. This trip was not only

Digitized by PPRACHIN, SOA

enjoyable to the members of the party but was also of considerable educational interest to them.

6. *Hostel*—The School Hostel with 70 boarders on the roll continues to be managed smoothly under the care of the Superintendent, Sri Dinabandhu Biswal and Sri Manindranath Mahanty. It has a separate accommodation for 9 other teachers residing in the hostel. As usual, the boarders have gardening and games in their daily routine of work.

7. *Improvements to buildings* :—The M. E. Section of the School building has been renovated and roofed over with asbestos sheets. The Hostel building and a part of the school building have been electrified. A new Science Class Room is under construction.

8. *Library*—The School library has been replenished with books worth over Rs. 1000/- and it now contains 5930 books in all.

9. *The Staff*—The teaching staff now consists of 17 members, the post of a second Moulavi having been added. During the year under report Sri Gatikrishna Bhanj, B.A., D.Ed., Headmaster, left the School and Sri Jagannath Misra B.A., D.Ed., replaced him. Sri Mohini Mohan Misra, B. A., who was on study leave for the B. Ed. training, joined the School on the completion of his Training Course. Sri Baikunthanath Mullick, B. A., who has undergone the B. Ed. course, has joined us as a new entrant. Moulavi S. A. Basat has joined the post of Second Moulavi.

During the year under report the following teachers attended short training courses organised by the Board of Secondary Education and Extension Services attached to the R. N. Training College, Cuttack.

1 Sri K. C. Das, B. A., D. Ed.—
Short course on the Structural Method on the Teaching of English & Workshop on the Teaching of English.

2. Sri Sitanath Das—
Short course on the Structural Method on the Teaching of English.

3. Sri Bauribandhu Debata—
Refresher course on the Teaching of the Mother Tongue.

4. Sri Manindranath Mahanty—
Short course on the use of Visual Aids.

Digitized by PPRACHIN, SOA

ସମ୍ପାଦକୀୟ

ଆଜକୁ ପ୍ରାୟ ୨୦।୨୫ବର୍ଷ ତଳେ ଏହି ଅଞ୍ଚଳରେ ଗୋଟିଏ ଉଚ୍ଚଶିକ୍ଷାନୁଷ୍ଠାନ ସ୍ଥାପନର ଆବଶ୍ୟକତା ଅନୁଭୂତ ହେଉଥିବା ସମୟରେ ସାଲେପୁର-ଗଗନ ମଣ୍ଡଳରେ ଦୁଇଟି ଉଜ୍ଜ୍ୱଳ ନକ୍ଷତ୍ରର ଆବିର୍ଭାବ ହୋଇଥିଲା । ସେହି ଦୁଇଟି ନକ୍ଷତ୍ର ବିଦ୍ୟୋତ୍ସାହୀ ଓ କର୍ମୀ ଶ୍ରୀଯୁକ୍ତ ବାଳକୃଷ୍ଣ କର ଏବଂ ପୁରୀଜିଲ୍ଲାର ପିପିଲିଥାନା ଅନ୍ତର୍ଗତ ନୂଆଶାସନ ନିବାସୀ ଶ୍ରୀଯୁକ୍ତ ଜୟନାରାୟଣ ଦାସଙ୍କ ବ୍ୟତୀତ ଅନ୍ୟ କେହି ନ ଥିଲେ । ଶ୍ରୀଯୁକ୍ତ କର ମହାଶୟ ଏହି ଅଞ୍ଚଳରେ ଜନ୍ମଗ୍ରହଣ କରି ନାନା ଅଭାବ ଓ ଅସୁବିଧା ମଧ୍ୟଦେଇ ଉଚ୍ଚଶିକ୍ଷା ସମାପନ କଲା ଉତ୍ତାରେ ଦରିଦ୍ର ମେଧାବୀ ଛାତ୍ରଙ୍କ ଦୁଃଖକଷ୍ଟ ପ୍ରାଣରେ ଅନୁଭବ କରି ପଲ୍ଲୀ ଅଞ୍ଚଳରେ ଗୋଟିଏ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିବାର କଳ୍ପନା ମନ ମଧ୍ୟକୁ ଆଣି ତାହାକୁ କାର୍ଯ୍ୟରେ ପରିଣତ କରିବାରେ ବ୍ରତୀ ହୋଇ-ଥିଲେ । ଏଥିରେ କେତେକ ବିଦ୍ୟାନୁରାଗୀ ଓ ନିଃସ୍ୱାର୍ଥ କର୍ମୀଙ୍କ ସାହାଯ୍ୟ ଓ ସହଯୋଗ ତାଙ୍କର ଉଦ୍ୟମକୁ ସାଫଲ୍ୟମଣ୍ଡିତ କରିଥିଲା । ବିଶେଷ ଆନନ୍ଦର ବିଷୟ ଯେ, ଠିକ୍ ସେହି ସମୟରେ ବିଶ୍ୱନିୟନ୍ତାଙ୍କ ଅପାର କରୁଣା ବଳରେ ଶ୍ରୀଯୁକ୍ତ ଜୟନାରାୟଣ ଦାଶ ସାଲେପୁରକୁ ସବ୍‌ରେଜିଷ୍ଟ୍ରାର ରୂପେ ଆଗମନ କରିଥିଲେ । ଏଠାରେ ବାଳକୃଷ୍ଣ ଓ ଜୟନାରାୟଣଙ୍କ ମିଳନ ମଣିକାଞ୍ଚନ ସଂଯୋଗ ସଦୃଶ ହୋଇଥିଲା । ସେହି କୃତୀ ସନ୍ତାନ ଦ୍ୱୟଙ୍କ ଆପ୍ରାଣ ଚେଷ୍ଟା ଫଳରେ ଅତି ଅଳ୍ପସମୟ ମଧ୍ୟରେ ସରକାରୀ ମଞ୍ଜୁରି ପାଇ ବିଦ୍ୟାଳୟ ଗୃହଟି ଠିଆହୋଇ ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା ପ୍ରସାର କାର୍ଯ୍ୟରେ ଆତ୍ମନିୟୋଗ କରି ଆସୁଅଛି । ବାସ୍ତବିକ ସେ ଦୁହେଁ ଥିଲେ ଏହି ବିଦ୍ୟାଳୟର ଜନ୍ମଦାତା । ଇହଜଗତରେ ସେମାନଙ୍କ କାର୍ଯ୍ୟ ସାଙ୍ଗ ହେବା ପରେ ପରେ ଭଗବାନ ପୁନଶ୍ଚ ସେହି ଦୁହିଁଙ୍କୁ ଅନ୍ୟ ଏକ ବୃହତ୍ତର କ୍ଷେତ୍ରକୁ ନେଇଯାଇ ଅଛନ୍ତି । ସେହି ପିତୃପ୍ରତିମ ବ୍ୟକ୍ତି ଦ୍ୱୟଙ୍କୁ ହରାଇ ଆଜି ଏହି ଅନୁଷ୍ଠାନଟି ଶୋକାତୁର ହୋଇ ନୀରବରେ ଅଶ୍ରୁ ବିସର୍ଜନ କରୁଅଛି ।

ଗତ ଅଗଷ୍ଟମାସ ତା ୫ ରିଖରେ ଶ୍ରୀଯୁକ୍ତ ବାଳକୃଷ୍ଣ କରଙ୍କ ତିରୋଧାନ ହୋଇଥିଲା । ସେହି ବିଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଉଦ୍ଦେଶ୍ୟରେ 'ଶସୋପୃଳା'ର ଗୋଟିଏ ବିଶେଷ ସଂଖ୍ୟା 'ବାଳକୃଷ୍ଣ ସ୍ମୃତି ସଂଖ୍ୟା'ରୂପେ ପ୍ରକାଶିତ ହେବାପାଇଁ ସ୍ଥିର କରାଗଲା । ସେହି ମହାଶୟଙ୍କ ସମ୍ବନ୍ଧରେ ଉତ୍କଳର ବିଶିଷ୍ଟ ଲେଖକମାନଙ୍କ ନିକଟରୁ ପ୍ରବନ୍ଧ ଓ କବିତା ପାଇବା ଉଦ୍ଦେଶ୍ୟରେ ଖବର କାଗଜ ଜରିଆରେ ସେମାନଙ୍କୁ ନିବେଦନ କରାଗଲା । ଫଳତଃ କେତେକ ବନ୍ଧୁ ତାଙ୍କ ସମ୍ବନ୍ଧରେ ପ୍ରବନ୍ଧ ଓ କବିତାମାନ ପଠାଇ ଆମ୍ଭମାନଙ୍କୁ ଉତ୍ସାହିତ କରିଥିବାରୁ ଆମ୍ଭେମାନେ ସେମାନଙ୍କ ନିକଟରେ ଚିରଋଣୀ ।

ଇତ୍ୟବସରରେ ଏହି ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ଶ୍ରୀଯୁକ୍ତ ଜୟନାରାୟଣ ଦାଶଙ୍କ ଶୋକ ସମ୍ବାଦ ଆମ୍ଭମାନଙ୍କ ହୃଦୟରେ ଗଭୀର ଶୋକର ଛାୟା ଖେଳାଇ ଦେଲା । ବିଦ୍ୟାଳୟର ପ୍ରାଙ୍ଗଣରେ ଶୋକସଭା ଆହୂତ ହୋଇ ସେହି ମହାଶୟଙ୍କ

Digitized by PPRACHIN, SOA